Bhubaneswar, Thursday, October 08, 2026
ଭୁବନେଶ୍ୱର,ଗୁରୁବାର,ଅକ୍ଟୋବର ୦୮, ୨୦୨୬
Vol-01, Issue-151
ବର୍ଷ-୦୧, ସଂଖ୍ୟା -୧୫୧

www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA




### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ ମୁଖ୍ୟ ଭାବେ ୨୫ ବର୍ଷ ପୂର୍ତ୍ତି ଅବସରରେ 'ବିକଶିତ ଭାରତ ସଂକଳ୍ପ ସଭା' ଏବଂ 'ସେବା ଜ୍ୟୋତି ଯାତ୍ରା' ଅନୁଷ୍ଠିତ

# ନିରବଚ୍ଛିନ୍ନ ସେବା ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦିଜୀ ଭାରତକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ନିର୍ଣ୍ଣାୟକ ରାଷ୍ଟ୍ରରେ ପରିଣତ କରିଛନ୍ତି: ମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର,୭/୧୦ : ରାଷ୍ଟ୍ର ନିର୍ମାଣ ଯାତ୍ରାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବା, ସୁଶାସନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାଠାରୁ ଆରମ୍ଭ କରି ଦେଶର ପ୍ରଧାନମନ୍ତ୍ରୀ ଭାବେ ଜନସେବା କରିବା ପର୍ଯ୍ୟନ୍ତ – ଶାସନ ମୁଖ୍ୟ ଭାବେ ତାଙ୍କର ୨୫ ବର୍ଷର ସଫଳ ଓ ନିରବଚ୍ଛିନ୍ନ ଯାତ୍ରା ଭାରତର ବିକାଶ ଇତିହାସରେ ଏକ ନୂତନ ଯୁଗର ସୂତ୍ରପାତ କରିଛି। ଏହି ଐତିହାସିକ ମୁହୂର୍ତ୍ତ ଅବସରରେ ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ସଭା' ଏବଂ 'ସେବା ଜ୍ୟୋତି ଯାତ୍ରା' ଭାରତର ସାମର୍ଥ୍ୟ, ଗରୀବ କଲ୍ୟାଣ ଏବଂ ଜନ-ସେବାର ଭାବନାକୁ ଆହୁରି ସୁଦୃଢ଼ କରିଛି। ଏହି ବିଶେଷ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନମୂଳକ ଓ ପ୍ରେରଣାଦାୟୀ ଅଭିଭାଷଣ ସମଗ୍ର ଦେଶବାସୀଙ୍କ ମନରେ 'ବିକଶିତ ଭାରତ ୨୦୪୭' ସଂକଳ୍ପକୁ ପୂରଣ କରିବା ପାଇଁ ନୂତନ ଉତ୍ସାହ ଓ ଶକ୍ତି ଭରିଦେଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ଓ ଜନସେବାର ସଫଳ ୨୫ ବର୍ଷ ପୂର୍ତ୍ତି ଅବସରରେ ଆଜି ଓଡ଼ିଶାରେ ୩୦ ଟି ରାଜସ୍ୱ ଜିଲ୍ଲା ସହ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଲୋକଙ୍କ ସହ କଥା ହୋଇଛନ୍ତି ମୋଦିଜୀ। ଭୁବନେଶ୍ୱରର କାରଗିଲ ପଡିଆଠାରେ ଅନୁଷ୍ଠିତ ''ବିକଶିତ ଭାରତ ସଂକଳ୍ପ ସଭା''ରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ବିଗତ ୨୫ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ଶାସନର ମୂଳମନ୍ତ୍ର ରହିଛି 'ସେବା, ସୁଶାସନ ଏବଂ ଗରୀବ କଲ୍ୟାଣ'। ତାଙ୍କ ନେତୃତ୍ୱରେ ଦେଶର ଶେଷ ସୀମାରେ ଛିଡ଼ା ହୋଇଥିବା ବ୍ୟକ୍ତିଙ୍କ ପାଖରେ ମଧ୍ୟ ବିକାଶର ସୁଫଳ ପହଞ୍ଚିପାରିଛି। ଅନ୍ତ୍ୟୋଦୟରୁ ବିକଶିତ ଭାରତ ଗଠନ ପାଇଁ ମୋଦିଜୀଙ୍କ ପ୍ରତିବଦ୍ଧତା ନିଶ୍ଚିତ ଭାବେ ସଫଳ ହେବ। ବିକଶିତ ଭାରତ ସଂକଳ୍ପ ସଭା ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣରେ ସ୍ପଷ୍ଟ ହୋଇଛି ଯେ, ଆଗାମୀ ଦିନରେ ଦେଶକୁ ଆତ୍ମନିର୍ଭରଶୀଳ, ସମୃଦ୍ଧ ଏବଂ ବିଶ୍ୱଗୁରୁ ଭାବେ ଗଢ଼ିତୋଳିବା ପାଇଁ ୧୪୦ କୋଟି ଦେଶବାସୀଙ୍କ ମିଳିତ ସଂକଳ୍ପ ହିଁ ଶ୍ରେଷ୍ଠ ବଳ। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରେରଣାଦାୟୀ ନେତୃତ୍ୱ, ଦୂରଦର୍ଶିତା ଏବଂ ସମର୍ପିତ ସେବା ପାଇଁ ଆମେ ତାଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛୁ। ତାଙ୍କର ନିରନ୍ତର ମାର୍ଗଦର୍ଶନରେ ଭାରତ ବିକାଶର ନୂତନ ଶିଖର ଛୁଇଁବ ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ନିଶ୍ଚିତ ଭାବେ ସାକାର ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଭାରତର ଜଣେ ନାଗରିକ ଭାବେ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଆମେ ସମସ୍ତେ ନିଜ ନିଜର ଶକ୍ତି, ପ୍ରତିଭା ଏବଂ ସଂକଳ୍ପକୁ ଉତ୍ସର୍ଗ କରିବା ପାଇଁ ଉପସ୍ଥିତ ନେତୃବୃନ୍ଦ, ବୁଦ୍ଧିଜୀବି, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ଜନସାଧାରଣ ସଂକଳ୍ପ ନେଇଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ ମୁଖ୍ୟ ଭାବେ ୨୫ ବର୍ଷର ସଫଳ ଓ ନିରବଚ୍ଛିନ୍ନ ଜନ-ସେବା ପୂର୍ତ୍ତି ଅବସରରେ ଅନୁଷ୍ଠିତ ସେବା ଜ୍ୟୋତି ଯାତ୍ରାରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ସହ ପୋଖରୀପୁଟ ଡିଏଭି ସ୍କୁଲ ନିକଟସ୍ଥ ଛକରେ ସେବା ଜ୍ୟୋତି ସ୍ଥାପନା କରିଥିଲେ। 'ସେବା ଜ୍ୟୋତି ଯାତ୍ରା' ଏବଂ 'ବିକଶିତ ଭାରତ ସଂକଳ୍ପ ସଭା'ର ସ୍ମାରକୀ ସ୍ୱରୂପ 'ସେବା ଜ୍ୟୋତି ଛକ' ସ୍ଥାପନ କରାଯାଇଛି। ଏହି ଛକକୁ ଆଜିଠାରୁ ସେବା ଜ୍ୟୋତି ଛକ ଭାବେ ନାମିତ କରାଗଲା। ଏହି ବିଶେଷ ଛକର ନାମକରଣ ଓ ସ୍ଥାପନା ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ, ଗରୀବ କଲ୍ୟାଣ, ନିରନ୍ତର ଜନସେବା ଏବଂ 'ବିକଶିତ ଭାରତ' ସଂକଳ୍ପକୁ ଚିରସ୍ମରଣୀୟ କରି ରଖିବ। ଏହି ସ୍ଥାନ ନାଗରିକମାନଙ୍କୁ ସ୍ୱଚ୍ଛତା, ସାମାଜିକ ଦାୟିତ୍ୱବୋଧ, ଏବଂ ଜନ-ଅଂଶଗ୍ରହଣ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେବା ପାଇଁ ନିରନ୍ତର ପ୍ରେରଣା ଯୋଗାଇବା ସହ 'ବିକଶିତ ଭାରତ' ସ୍ୱପ୍ନକୁ ସାକାର କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇବାକୁ ଉତ୍ସାହିତ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀ ନିରଞ୍ଜନ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବିମ୍ବାଧର କୁଅଁର, ସାଂସଦ ଶ୍ରୀ ପ୍ରଦୀପ ପାଣିଗ୍ରାହୀ, ବିଧାୟକ ବାବୁ ସିଂ, ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସଂପାଦକ ଶ୍ରୀ ସରୋଜ କର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ସଙ୍ଗୀତା ଦାଶ ଓ ରଶ୍ମି ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ରତିକାନ୍ତ ଦାଶ ଓ ହରେକୃଷ୍ଣ ଖୁଂଟିଆ, ରାଜ୍ୟ କୋଷାଧ୍ୟକ୍ଷ ଅଜୟ ଅଗ୍ରୱାଲ ଓ ସହ କୋଷାଧ୍ୟକ୍ଷ ଦିବାକର ହରିଚନ୍ଦନ, ବରିଷ୍ଠ ନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ, ରାଜ୍ୟ ଗଣମାଧ୍ୟ ସଂଯୋଜକ ସୁଜିତ ଦାସ ଏବଂ ବିଏମସିର କର୍ପୋରେଟରମାନେ ଉପସ୍ଥିତ ଥିଲେ।

ସେହିପରି ଐତିହାସିକ, ବୀରତ୍ୱ ଓ ମହାନ ସ୍ୱାଭିମାନର ମାଟି ଖୋର୍ଦ୍ଧାରେ ଆଜି ଆୟୋଜିତ 'ସେବା ଜ୍ୟୋତି ଯାତ୍ରା' କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅବିଚଳିତ ସେବା ମନୋଭାବ, ଦୂରଦର୍ଶୀ ନେତୃତ୍ୱ ଏବଂ ଦେଶମାତୃକା ପ୍ରତି ଅସୀମ ସମର୍ପଣ ଭାବକୁ ଗଭୀର ସମ୍ମାନ ଓ କୃତଜ୍ଞତା ଜଣାଇଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଯେ, ଠିକ୍ ୨୫ ବର୍ଷ ତଳେ ଅର୍ଥାତ୍ ୭ ଅକ୍ଟୋବର ୨୦୦୧ରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀଜୀ ଶପଥ ଗ୍ରହଣ କରି ଶାସନ ମୁଖ୍ୟ ଭାବେ ଦେଶସେବାର ସଂକଳ୍ପ ନେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀଜୀ ନିଜକୁ ଶାସକ ନୁହେଁ, ବରଂ ୧୪୦ କୋଟି ଜନସାଧାରଣଙ୍କ 'ପ୍ରଧାନ ସେବକ' ଭାବେ ସମର୍ପିତ କରିଛନ୍ତି। ପ୍ରଥମ ୧୩ ବର୍ଷ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଏବଂ ଗତ ୧୨ ବର୍ଷ ଧରି ପ୍ରଧାନମନ୍ତ୍ରୀ ଭାବେ ନିରବଚ୍ଛିନ୍ନ ସେବା ମାଧ୍ୟମରେ ସେ ଭାରତକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ନିର୍ଣ୍ଣାୟକ ରାଷ୍ଟ୍ରରେ ପରିଣତ କରିଛନ୍ତି। ଗତ ସେପଟ୍ମେର ୧୭ ତାରିଖରୁ ଆରମ୍ଭ ହୋଇଥିବା ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ'ରେ ଓଡ଼ିଶାବାସୀ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଛନ୍ତି। 'ଆଶୀର୍ବାଦ କି ଦିୟା' କାର୍ଯ୍ୟକ୍ରମରେ ରାଜ୍ୟବାସୀ ୧ କୋଟି ଦୀପ ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ଶୁଭକାମନା କରିଥିଲେ। ୮,୮୧୦ ୟୁନିଟ୍ ରକ୍ତ ସଂଗ୍ରହ କରି ଦେଶରେ ଏକ ନୂତନ ରେକର୍ଡ ସୃଷ୍ଟି କରାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ବ୍ୟାପକ ସାମାଜିକ ସଚେତନତା କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ 'ଜନସେବା ହିଁ ମାନବ ସେବା, ଏବଂ ମାନବ ସେବା ହିଁ ମାଧବ ସେବା' ଚିନ୍ତାଧାରାକୁ ପାଥେୟ କରି କାର୍ଯ୍ୟକାରୀ ହେଉଥିବା ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ସ୍ୱଚ୍ଛ ଭାରତ ଭଳି ପ୍ରମୁଖ ଯୋଜନାଗୁଡ଼ିକ ବିଷୟରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ଓଡ଼ିଶାରେ ଡବଲ୍-ଇଞ୍ଜିନ୍ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପରାଜ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ବିକାଶ ପ୍ରକ୍ରିୟା ଦ୍ରୁତଗତିରେ ଆଗେଇ ଚାଲିଛି।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ରାଜ୍ୟ ସରକାରଙ୍କ 'କେଜି ରୁ ପିଜି', 'ଆୟୁଷ୍ମାନ ଭାରତ' ଏବଂ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା', 'ସୁଭଦ୍ରା ଯୋଜନା', 'ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଓ 'ଅନ୍ତୋଦୟ ଗୃହ' ଯୋଜନା, 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା', 'ପିଏମ୍-କିଷାନ' ଓ 'ସିଏମ୍-କିଷାନ' ଭଳି ପ୍ରମୁଖ ଯୋଜନାଗୁଡ଼ିକର ସଫଳତା ଉପସ୍ଥାପନ କରିଥିଲେ। ବିକଶିତ ଓଡ଼ିଶାରୁ ବିକଶିତ ଭାରତପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ ୨୦୪୭' ସଂକଳ୍ପକୁ ସାକାର କରିବା ପାଇଁ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ସଶକ୍ତ ଓ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନ କରିବା ରାଜ୍ୟ ସରକାରଙ୍କ ପ୍ରଥମ ଓ ମୁଖ୍ୟ ଲକ୍ଷ୍ୟ। ସରକାରଙ୍କ ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ସମାଜର ଶେଷ ଧାଡ଼ିରେ ଛିଡ଼ା ହୋଇଥିବା ବ୍ୟକ୍ତି ପାଖରେ ପହଞ୍ଚିପାରିବ, ସେଥିପାଇଁ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ କାର୍ଯ୍ୟକର୍ତ୍ତା ଓ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହା ପରେ ନୂତନ ବସଷ୍ଟାଣ୍ଡ ନିକଟସ୍ଥ ଛକରେ ସେବା ଜ୍ୟୋତି ସ୍ଥାପନା କରିଥିଲେ। ଏହି ଅବସରରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡଜେନା, ଜିଲ୍ଲା ପ୍ରଭାରୀ ପବିତ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ରାଜ୍ୟ ସହ ପ୍ରଭାରୀ ଡ.ସ୍ୱଦେଶ ସିଂହ, ସାଂସଦ ଭର୍ତ୍ତୃହରି ମହତାବ ଓ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି କଟକଠାରେ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି.ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଓ ସାଂସଦ ଶ୍ରୀମତୀ ସଙ୍ଗୀତା ସିଂହଦେଓ ବଲାଙ୍ଗୀରରେ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଓ ସାଂସଦ ଡା.ସମ୍ବିତ ପାତ୍ର ପୁରୀରେ; କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ସୁନ୍ଦରଗଡରେ; ମନ୍ତ୍ରୀ ଶ୍ରୀ ସୁରେଶ ପୁଜାରୀ ଝାରସୁଗୁଡାରେ; ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଓ ସାଂସଦ ଡ.ବିଭୁପ୍ରସାଦ ତରାଇ ଜଗତସିଂହପୁରେ; ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡାରେ; ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ ଓ ସାଂସଦ ରବିନାରାୟଣ ବେହେରା ଯାଜପୁରରେ; ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଇଂ.ଗଣେଷ ରାମ ସିଂହ ଖୁଂଟିଆ ଓ ସାଂସଦ ନବଚରଣ ମାଝୀ ମୟୁରଭଂଜରେ; ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ ଭଦ୍ରକରେ; ମନ୍ତ୍ରୀ ରବି ନାଏକ ସମ୍ବଲପୁରରେ; ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁରରେ; ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ସାଂସଦ ଶ୍ରୀମତୀ ଅନୀତା ଶୁଭଦର୍ଶିନୀ ବ୍ରହ୍ମପୁରରେ; ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳରେ; ସାଂସଦ ଅନନ୍ତ ନାୟକ କେନ୍ଦୁଝରରେ; ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶ୍ରୀ ରୁଦ୍ରନାରାୟଣ ପାଣି ଅନୁଗୋଳରେ; ସାଂସଦ ଶ୍ରୀମତୀ ମାଳବିକା ଦେବୀ କଳାହାଣ୍ଡିରେ; ସାଂସଦ ଶ୍ରୀ ବଳଭଦ୍ର ମାଝୀ ମାଲକାନଗିରିରେ; ସାଂସଦ ସୁଜିତ୍ କୁମାର କୋରାପୁଟରେ; ସାଂସଦ ସୁକାନ୍ତ ପାଣିଗ୍ରାହୀ କନ୍ଧମାଳରେ; ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ବରଗଡରେ; ସାଂସଦ ଦେବାଶିଷ ସାମନ୍ତରାୟ ନୟାଗଡରେ, ସାଂସଦ ଶ୍ରୀ ପତାପ ଷଡଙ୍ଗୀ ବାଲେଶ୍ୱରରେ, ଶାସକ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ ପ୍ରଧାନ ବୌଦ୍ଧରେ; ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂବିଶେଶ୍ୱର ଟୁଡୁ ଗଜପତିରେ ଅନୁଷ୍ଠିତ 'ବିକଶିତ ଭାରତ ସଂକଳ୍ପ ସଭା' ଏବଂ 'ସେବା ଜ୍ୟୋତି ଯାତ୍ରା'ରେ ଯୋଗ ଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ ମୁଖ୍ୟ ଭାବେ ୨୫ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ପ୍ରଦର୍ଶନୀକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନନୀୟ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ, ରାଜ୍ୟ ସହପ୍ରଭାରୀ ଡ.ସ୍ୱଦେଶ ସିଂହ ଉଦଘାଟନ କରିଥିଲେ।



# ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଆଲୋଚନା

ଭୁବନେଶ୍ୱର,୭/୧୦ : ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆଜି ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଗଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଅଛି।

ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ।

ବୈଠକରେ ଆଗାମୀ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ, ଅଦ୍ୟତନ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରମାନଙ୍କ ନାମ ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବ।

ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଏହି ଘରକୁ ଘର ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବିଶେଷକରି, ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥ୍‌ସ୍ତରୀୟ ଏଜେଣ୍ଟ (ଇଖଇ) ମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ର ଗୁଡିକରେ ନିୟୋଜିତ କରିବା ସହ ସର୍ଭେ ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ ଅନୁରୋଧ କରାଯାଇଛି।



ସମସ୍ତ ରାଜନୈତିକ ଦଳମାନଙ୍କୁ ଅକ୍ଟୋବର ୧୫ ତାରିଖ ସୁଦ୍ଧା ଇଖଇ ଙ୍କ ତଥ୍ୟ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ( ଇରଜଙ ) ତଥା ଗ୍ରାମାଞ୍ଚଳ ପାଇଁ ବିଡିଓ ଙ୍କ ପାଖରେ ସହରାଞ୍ଚଳ(ଘଇଉ ଓ ଗଟଘଓଉଓ-ଚଇଖଓଞ୍ଜଣ ) ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମହାନଗର ନିଗମ ପାଇଁ ଡେପୁଟି କମିଶନର /ଆସିଷ୍ଟାଣ୍ଟ କମିଶନର ଙ୍କ ପାଖରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ପାଢ଼ୀ କହିଥିଲେ ଯେ, ସଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ଏକ ସୁସ୍ଥ ଓ ସ୍ୱଚ୍ଛ ନିର୍ବାଚନ ବ୍ୟବସ୍ଥାର ମୂଳ ଆଧାର। ତେଣୁ ଭୋଟର ତାଲିକା ପ୍ରସ୍ତୁତିର ପ୍ରତ୍ୟେକ ପର୍ଯ୍ୟାୟରେ ସ୍ୱଚ୍ଛତା, ନିରପେକ୍ଷତା ଓ ସମସ୍ତଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯିବ। ରାଜନୈତିକ ଦଳଗୁଡିକର ସକ୍ରିୟ ସହଯୋଗ ଦ୍ୱାରା ଭୋଟର ତାଲିକାକୁ ଅଧିକ ବିଶ୍ୱସନୀୟ ଓ ତ୍ରୁଟିମୁକ୍ତ କରାଯାଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ବୈଠକରେ ଘରକୁ ଘର ସର୍ଭେ ସମୟରେ ଭୋଟରମାନଙ୍କ ସହଯୋଗ, ସର୍ଭେ ଦଳଙ୍କ ଦ୍ୱାରା ତଥ୍ୟ ସଂଗ୍ରହ, ଭୋଟର ତାଲିକାରେ ନାମ ଯୋଗ, ବାଦ୍ ଓ ସଂଶୋଧନ ଭଳି ବିଭିନ୍ନ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାରେ କୌଣସି ଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ବାଦ୍ ନ ପଡ଼ ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ତାଲିକାରେ ଅନ୍ତର୍ଭୁକ୍ତ ନ ହୁଏ, ସେଥିପାଇଁ ସମସ୍ତ ସମ୍ପୃକ୍ତ ପକ୍ଷଙ୍କୁ ସଚେତନ ଓ ସହଯୋଗୀ ଭୂମିକା ଗ୍ରହଣ କରିବାକୁ ଆୟୋଗ ପକ୍ଷରୁ ଆହ୍ୱାନ କରାଯାଇଛି।

ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେବା ସହ ଘରକୁ ଘର ସର୍ଭେ ପ୍ରକ୍ରିୟାରେ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଥିଲେ।

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସମଗ୍ର ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟାକୁ ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ସୁଚାରୁ ଭାବେ ସମ୍ପାଦନ କରାଯିବ। ଏଥିସହ ସମସ୍ତ ରାଜନୈତିକ ଦଳ, ପ୍ରଶାସନ ଓ ସାଧାରଣ ଭୋଟରଙ୍କ ସମନ୍ୱିତ ସହଯୋଗରେ ସ୍ୱଚ୍ଛ, ସଠିକ୍, ସମାବେଶୀ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ରାଜ୍ୟ ନିର୍ବାଚନ ଆୟୋଗ କାର୍ଯ୍ୟ କରୁଛନ୍ତି।

ଏହି ବୈଠକରେ ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ମଧୁସୂଦନ ପାଢୀ ଙ୍କ ସମେତ ,ଆୟୋଗ ର ସଚିବ ଶ୍ରୀ ସନ୍ତୋଷ କୁମାର ଦାଶ ,ଉପ ସଚିବ ଶ୍ରୀ ଦୁର୍ଗା ଚରଣ ମୁର୍ମୁ ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।

## ସମ୍ପାଦକୀୟ

## ଆତ୍ମବିଶ୍ୱାସର ଆଲୋକ

ଓଡିଶାର ଘରେ ଘରେ ମହିଳା କେବଳ ପରିବାରର ମେରୁଦଣ୍ଡ ନୁହନ୍ତି, ସେ ଅର୍ଥନୀତିର ମଧ୍ୟ ଏକ ନିରବ ଚାଳିକାଶକ୍ତି। ତାଙ୍କ ହାତରେ ଘରର ବଜେଟ୍, ସନ୍ତାନଙ୍କ ଭବିଷ୍ୟତ, ପରିବାରର ଆବଶ୍ୟକତା ଓ ସଂଚୟର ଚିନ୍ତା ଥାଏ। କିନ୍ତୁ ଦୀର୍ଘଦିନ ଧରି ଏହି ଅବଦାନର ବଡଅଂଶ ଅଦୃଶ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ୨୦୨୪ ସେପ୍ଟେମ୍ବର ୧୭ରେ ଆରମ୍ଭ ହୋଇଥିବା ସୁଭଦ୍ରା ଯୋଜନା ଓଡିଶାର ମହିଳାକେନ୍ଦ୍ରିକ ଜନକଲ୍ୟାଣ ଚିନ୍ତାଧାରାରେ ଏକ ବଡ ପଦକ୍ଷେପ ଭାବେ ଆସିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଯୋଜନାର ଲକ୍ଷ୍ୟ ଥିଲା ଓଡିଶାର ଯୋଗ୍ୟ ମହିଳାମାନଙ୍କୁ ପାଂଚ ବର୍ଷ ମଧ୍ୟରେ ମୋଟ ୫୦ ହଜାର ଟଙ୍କାର ସହାୟତା ଦେବା, ଅର୍ଥାତ୍ ପ୍ରତିବର୍ଷ ୧୦ ହଜାର ଟଙ୍କା ଦୁଇଟି ସମାନ କିସ୍ତିରେ ସିଧାସଳଖ ବ୍ୟାଙ୍କ ଖାତାକୁ ପହଂଚାଇବା। ଦୁଇ ବର୍ଷ ପୂର୍ତିରେ ସୁଭଦ୍ରାକୁ ଦେଖିବାର ଅର୍ଥ କେବଳ କେତେ ଟଙ୍କା ବଂଟନ ହେଲା ତାହା ଗଣନା କରିବା ନୁହେଁ, ପ୍ରକୃତ ପ୍ରଶ୍ନ ହେଉଛି – ଏହି ଅର୍ଥ ମହିଳାଙ୍କ ଜୀବନରେ କେତେ ନୂଆ ସମ୍ଭାବନା ଖୋଲିଛି ? ସେ କେତେ ଅଧିକ ଆତ୍ମନିର୍ଭର ହୋଇଛନ୍ତି ? ନିଜ ଟଙ୍କା ବିଷୟରେ ନିଜେ ନିଷ୍ପତି ନେବାର ସାହସ କେତେ ବଢିଛି ? ଏହି ପ୍ରଶ୍ନଗୁଡିକ ହିଁ ସୁଭଦ୍ରାର ଦୀର୍ଘକାଳୀନ ସଫଳତାର ପ୍ରକୃତ ମାପଦଣ୍ଡ ହୋଇପାରେ। ଯୋଜନାର ନିର୍ଦ୍ଦେଶାବଳୀ ଅନୁସାରେ ଯୋଗ୍ୟ ମହିଳାଙ୍କ ବୟସ ୨୧ବର୍ଷ କିମ୍ବା ତାଠାରୁ ଅଧିକ ଏବଂ ୬୦ବର୍ଷରୁ କମ୍ ହେବା ଆବଶ୍ୟକ। ଯୋଜନାର ଲାଭ ପାଇଁ ଆଧାର ସଂଯୁକ୍ତ ଓ ସିଧାସଳଖ ଅର୍ଥ ହସ୍ତାନ୍ତରଯୋଗ୍ୟ ବ୍ୟାଙ୍କ ଖାତା ଭଳି ବ୍ୟବସ୍ଥା ରହିଛି। ଏହାର ଉଦ୍ଦେଶ୍ୟ କେବଳ ଟଙ୍କା ପହଂଚାଇବା ନୁହେଁ, ବରଂ ମହିଳାଙ୍କୁ ଔପଚାରିକ ଆର୍ଥିକ ବ୍ୟବସ୍ଥା ସହିତ ଆହୁରି ଦୃଢ ଭାବେ ଯୋଡିବା। ଦୁଇ ବର୍ଷର ଯାତ୍ରାରେ ସୁଭଦ୍ରାର ପରିସର ଏକ କୋଟିରୁ ଅଧିକ ମହିଳାଙ୍କୁ ଛୁଇଁଛି। ୨୦୨୬ ମାର୍ଚ୍ଚ ୮ରେ ଚତୁର୍ଥ କିସ୍ତି ଅବସରରେ ଏକ କୋଟିରୁ ଅଧିକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ହସ୍ତାନ୍ତର ହୋଇଥିବା ରାଜ୍ୟ ସରକାର କହିଥିଲେ। ସେହି ସମୟରେ ମୋଟ ସହାୟତା ୫ ହଜାର କୋଟି ଟଙ୍କାରୁ ଅଧିକ ଥିବା ମଧ୍ୟ ଜଣାଇଥିଲେ। ପରେ ୨୦୨୬ ଅଗଷ୍ଟ ୨୮ରେ ପଂଚମ କିସ୍ତି ଅବସରରେ ଏକ କୋଟି ୩ଲକ୍ଷରୁ ଅଧିକ ମହିଳାଙ୍କ ଖାତାକୁ ସହାୟତା ସିଧାସଳଖ ପଠାଯାଇଥିବା ରାଜ୍ୟ ସରକାର ପ୍ରକାଶ କରିଛନ୍ତି। ଏହି ସଂଖ୍ୟା ଏକ ବଡ ପ୍ରଶାସନିକ ପହଂଚକୁ ସୂଚାଏ, କିନ୍ତୁ ସଂଖ୍ୟାଠାରୁ ବଡ ହେଉଛି ଏହାର ମାନବୀୟ କାହାଣୀ। ଗାଁର ଜଣେ ମହିଳା ନିଜ ଘରୋଇ ଆବଶ୍ୟକତା ସହିତ କିଛି ଟଙ୍କା ସଂଚୟ କରୁଛନ୍ତି, ଅନ୍ୟଜଣେ ଛୋଟ ବ୍ୟବସାୟରେ ଅର୍ଥ ଲଗାଉଛନ୍ତି, ଆଉ କେହି ସନ୍ତାନଙ୍କ ଶିକ୍ଷା କିମ୍ବା ପରିବାରର ଆବଶ୍ୟକତାରେ ଏହା ବ୍ୟବହାର କରୁଛନ୍ତି। ଏହି ଛୋଟ ନିଷ୍ପତିଗୁଡିକ ହିଁ ଏକ ବଡ ସାମାଜିକ ପରିବର୍ତ୍ତନର ଭିତି ହୋଇପାରେ। ସୁଭଦ୍ରାର ମୂଳ ଶକ୍ତି ଏଠି – ଏହା ମହିଳାଙ୍କୁ କେବଳ ଲାଭାର୍ଥୀ ଭାବେ ଦେଖିବାରୁ ଆଗକୁ ନେଇ ତାଙ୍କୁ ଆର୍ଥିକ ନିଷ୍ପତିର ଏକ ସକ୍ରିୟ ଅଂଶୀଦାର କରିବାର ସୁଯୋଗ ଦେଉଛି। ରାଜ୍ୟର ୨୦୨୫-୨୬ ଆର୍ଥିକ ସର୍ବେକ୍ଷଣରେ ସୁଭଦ୍ରା ଯୋଜନାକୁ ପାଂଚ ବର୍ଷରେ ୫୦ ହଜାର ଟଙ୍କା ସହାୟତା ଦେଉଥିବା ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ଭାବେ ଉଲ୍ଲେଖ କରାଯାଇଛି। ସର୍ବେକ୍ଷଣ ଅନୁସାରେ ୨୦୨୫ରେ ଏକ କୋଟିରୁ ଅଧିକ ହିତାଧିକାରୀଙ୍କୁ ୧୦ ହଜାର କୋଟିରୁ ଅଧିକ ଟଙ୍କା ବଂଟନ ହୋଇଥିଲା। ପ୍ରାୟ ୨୨ ହଜାର ହିତାଧିକାରୀଙ୍କ ନମୁନାକୁ ନେଇ କରାଯାଇଥିବା ସୁଭଦ୍ରା ସମୀକ୍ଷାରେ ଅର୍ଥର ଉତ୍ପାଦନଶୀଳ ବ୍ୟବହାର, ଆର୍ଥିକ ସ୍ୱାଧୀନତା ଓ ଟଙ୍କା ପରିଚାଳନାରେ ଆତ୍ମବିଶ୍ୱାସ ବୃଦ୍ଧି ଭଳି ପ୍ରଭାବ ଚିହ୍ନଟ ହୋଇଥିବା ସର୍ବେକ୍ଷଣରେ କୁହାଯାଇଛି। ଏହି ଦିଗଟି ବିଶେଷ ଗୁରୁତର। କାରଣ ମହିଳା ସଶକ୍ତିକରଣର ଅର୍ଥ କେବଳ ତାଙ୍କ ଖାତାରେ ଟଙ୍କା ରହିବା ନୁହେଁ, ସେହି ଟଙ୍କା କେଉଁଠି ଖର୍ଚ୍ଚ ହେବ, କେତେ ସଂଚୟ ହେବ, କେତେ ନିବେଶ ହେବ –ଏହି ନିଷ୍ପତିରେ ମହିଳାଙ୍କ ସ୍ୱାଧୀନ ଭୂମିକା ବଢିବା ହେଉଛି ପ୍ରକୃତ ଲକ୍ଷ୍ୟ। ସେହି କାରଣରୁ ସୁଭଦ୍ରାକୁ ଆଗାମୀ ଦିନରେ ଅନ୍ୟାନ୍ୟ ମହିଳାମୁଖୀ କାର୍ଯ୍ୟକ୍ରମ ସହିତ ଯୋଡିବା ଆବଶ୍ୟକତା ରହିଛି। ଦକ୍ଷତା ବିକାଶ, ବଜାର ସଂଯୋଗ, ଡିଜିଟାଲ ଆର୍ଥିକ ସାକ୍ଷରତା, କ୍ଷୁଦ୍ର ଉଦ୍ୟମ, ସ୍ୱୟଂସହାୟକ ଗୋଷ୍ଠୀ ଓ ଉତ୍ପାଦନଶୀଳ ନିବେଶ ସହିତ ଯଦି ଅର୍ଥସହାୟତାର ସମନ୍ୱୟ ହୁଏ, ତେବେ ଏକ ଥରର ଆର୍ଥିକ ସହାୟତା ଦୀର୍ଘକାଳୀନ ଆୟ ସୃଷ୍ଟିର ମାଧ୍ୟମ ହୋଇପାରିବ। ରାଜ୍ୟ ସରକାର ମଧ୍ୟ ସୁଭଦ୍ରା ସହିତ ଦକ୍ଷତା, ମାର୍ଗଦର୍ଶନ, ବଜାର ସଂଯୋଗ ଓ ଆର୍ଥିକ ସହାୟତାକୁ ଯୋଡିବା ଦିଗରେ ପଦକ୍ଷେପ ନେଇଥିବା ଜଣାଇଛନ୍ତି। ଏଠାରେ ଆଉ ଏକ ପ୍ରଶ୍ନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ – ଯୋଜନାର ପ୍ରତ୍ୟେକ ଯୋଗ୍ୟ ମହିଳାଙ୍କ ପାଖରେ ସୂଚନା, ଆବେଦନ, ପ୍ରମାଣୀକରଣ ଓ ଅର୍ଥ ପହଂଚିବାରେ କୌଣସି ବାଧା ରହିଛି କି ? ଗ୍ରାମାଂଚଳର ଦୂରଦୂରାନ୍ତର ମହିଳା, ବୃଦ୍ଧ ହିତାଧିକାରୀ, ଡିଜିଟାଲ ଜ୍ଞାନରେ ପଛୁଆ ଲୋକ ଓ ବ୍ୟାଙ୍କିଂ ସୁବିଧାରୁ ଦୂରେ ଥିବା ପରିବାର ପାଇଁ ସହଜ ସହାୟତା ନିଶ୍ଚିତ କରିବା ଦରକାର। କାରଣ କୌଣସି ଯୋଜନାର ଶେଷ ସଫଳତା ଘୋଷଣାରେ ନୁହେଁ, ଶେଷ ଯୋଗ୍ୟ ମହିଳାଙ୍କ ଜୀବନର ତାହାର ପ୍ରଭାବରେ ନିର୍ଣ୍ଣୟ ହୁଏ। ସୁଭଦ୍ରାର ଦୁଇ ବର୍ଷ ଆମକୁ ଏହି ଶିକ୍ଷା ମଧ୍ୟ ଦିଏ ଯେ, ମହିଳାଙ୍କ ହାତକୁ ଅର୍ଥ ପହଂଚିଲେ ତାହାର ପ୍ରଭାବ ଘରର ଚାରି କାନ୍ଥ ମଧ୍ୟରେ ଅଟକି ରହେନାହିଁ। ତାହା ଶିକ୍ଷା, ପୋଷଣ, ସ୍ୱାସ୍ଥ୍ୟ, ଛୋଟ ବ୍ୟବସାୟ, ସଂଚୟ ଓ ସାମାଜିକ ନିଷ୍ପତିରେ ପ୍ରତିଫଳିତ ହୋଇପାରେ। ଜଣେ ମାଆଙ୍କ ଆର୍ଥିକ ଆତ୍ମବିଶ୍ୱାସ ଅନେକ ସମୟରେ ତାଙ୍କ ସନ୍ତାନଙ୍କ ଭବିଷ୍ୟତରେ ମଧ୍ୟ ଆତ୍ମବିଶ୍ୱାସ ଜନ୍ମାଏ। ଜଣେ ଗୃହିଣୀଙ୍କ ହାତରେ ନିଜସ୍ୱ ଅର୍ଥ ଥିଲେ ପରିବାରର ଅର୍ଥନୈତିକ ଆଲୋଚନାରେ ତାଙ୍କ ସ୍ୱର ଆହୁରି ଦୃଢ ହୋଇପାରେ। ଜଣେ କ୍ଷୁଦ୍ର ଉଦ୍ୟୋଗୀ ମହିଳା ପାଇଁ ଏହି ସହାୟତା ଏକ ନୂଆ ଆରମ୍ଭ ହୋଇପାରେ। ଏହି ସମସ୍ତ ସମ୍ଭାବନାକୁ ଏକାଠି କଲେ ସୁଭଦ୍ରା କେବଳ ଏକ ଅର୍ଥସହାୟତା ଯୋଜନା ନୁହେଁ, ଏକ ବ୍ୟାପକ ସାମାଜିକ ପରିବର୍ତ୍ତନର ମାଧ୍ୟମ ହେବାର ସୁଯୋଗ ରଖେ। କିନ୍ତୁ ଏହି ଯାତ୍ରାରେ ସରକାର, ପ୍ରଶାସନ, ବ୍ୟାଙ୍କ, ସ୍ଥାନୀୟ ସଂସ୍ଥା ଓ ସମାଜ-ସମସ୍ତଙ୍କ ଦାୟିତ୍ୱ ରହିଛି। ଯୋଜନାର ଲାଭ ଯେପରି ସଠିକ୍ ମହିଳାଙ୍କ ପାଖକୁ ଯାଏ, ମଧ୍ୟସ୍ଥତା କିମ୍ବା ଅନିୟମିତତାର ସୁଯୋଗ ନରହେ, ଅଭିଯୋଗର ଦ୍ରୁତ ସମାଧାନ ହୁଏ ଏବଂ ହିତାଧିକାରୀ ନିଜ ଅଧିକାର ବିଷୟରେ ସଚେତନ ରହନ୍ତି – ଏହି ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ଆବଶ୍ୟକ। ସେହିପରି ଦୁଇ ବର୍ଷ ପରେ ସୁଭଦ୍ରାର ପରବର୍ତୀ ଅଧ୍ୟାୟ କେବଳ କିସ୍ତି ବଂଟନର ଅଧ୍ୟାୟ ହେବା ଉଚିତ ନୁହେଁ, ଏହା ମହିଳାଙ୍କୁ ସ୍ୱାବଲମ୍ବୀ କରିବାର ଅଧ୍ୟାୟ ହେବା ଆବଶ୍ୟକ। ସୁଭଦ୍ରାର ସ୍ୱପ୍ନ ସେତେବେଳେ ପୂରଣ ହେବ, ଯେତେବେଳେ ଜଣେ ମହିଳା କହିପାରିବେ-ମୋ ହାତରେ ଥିବା ଟଙ୍କା ମୋତେ କେବଳ ସହାୟତା ଦେଇନାହିଁ ନିଜ ପାଦରେ ଠିଆ ହେବାର ସାହସ ଦେଇଛି। ଓଡିଶାର ବିକାଶର ଅର୍ଥ ଯଦି ସମସ୍ତଙ୍କ ଅଂଶଗ୍ରହଣ, ତେବେ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ତାହାର ଅପରିହାର୍ଯ୍ୟ ଅଂଶ। ସୁଭଦ୍ରାର ଦୁଇ ବର୍ଷ ସେହି ଦିଗରେ ଏକ ବଡ ଅନୁଭବ। ଏବେ ଆବଶ୍ୟକ ହେଉଛି ଏହି ଅନୁଭବକୁ ଆହୁରି ଗଭୀର କରିବା, ଅର୍ଥସହାୟତାକୁ ଆୟ ସୃଷ୍ଟି ସହିତ ଯୋଡିବା, ଦକ୍ଷତାକୁ ବଜାର ସହିତ ଯୋଡିବା ଏବଂ ମହିଳାଙ୍କ ଅତ୍ମାବିଶ୍ୱାସକୁ ଓଡିଶାର ଅର୍ଥନୈତିକ ଶକ୍ତିରେ ପରିଣତ କରିବା। କାରଣ ଜଣେ ମହିଳା ଶକ୍ତିଶାଳୀ ହେଲେ କେବଳ ଜଣେ ବ୍ୟକ୍ତି ଶକ୍ତିଶାଳୀ ହୁଅନ୍ତି ନାହିଁ, ଏକ ପରିବାର ଶକ୍ତିଶାଳୀ ହୁଏ, ଏକ ପିଢି ଆତ୍ମବିଶ୍ୱାସୀ ହୁଏ ଏବଂ ଏକ ସମାଜ ଆଗକୁ ବଢେ। ସେହି ଅର୍ଥରେ ସୁଭଦ୍ରାର ଦୁଇ ବର୍ଷ କେବଳ ଏକ ଯୋଜନାର ଦୁଇ ବର୍ଷ ନୁହେଁ, ଏହା ଓଡିଶାର ମାଆ, ଭଉଣୀ ଓ ଝିଅମାନଙ୍କ ଆତ୍ମବିଶ୍ୱାସର ଏକ ନୂଆ ଅଧ୍ୟାୟ।

# ସ୍ୱାଧୀନତା ସଂଗ୍ରାମୀ ଡା. ହେଡ଼ଗେୱାର

**ସର୍ବେଶ୍ୱର ବେହେରା**

ଭାରତୀୟ ସାମାଜିକ, ରାଜନୀତିକ, ଶୈକ୍ଷିକ ଓ ସାଂସ୍କୃତିକ ଜଗତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ତା'ର ଲକ୍ଷ୍ୟ-ସିଦ୍ଧାନ୍ତ-କାର୍ଯ୍ୟପଦ୍ଧତି ଆଜି ବହୁଚର୍ଚ୍ଚିତ । କୌଣସି ସଂଗଠନର ସାମାଜିକଦର୍ଶନ, ରାଜନୀତିକ ଦୃଷ୍ଟିକୋଣ, ସଂଗଠନାତ୍ମକ ସଂସ୍କୃତିକୁ ହୃଦ୍‌ବୋଧ କରିବା ପାଇଁ ସେହି ସଂଗଠନର ପ୍ରତିଷ୍ଠାତାଙ୍କ ଜୀବନୀ ଓ ବୈଚାରିକଦିଗକୁ ଜାଣିବା ଆବଶ୍ୟକ । ସଂଘ ତା'ର ସମକାଳୀନ ହିନ୍ଦୁ ସଂଗଠନ ଠାରୁ କିପରି ଭିନ୍ନ ଥିଲା, ତା'ର ବୈଚାରିକ ପୃଷ୍ଠଭୂମି ଓ ବୈଶ୍ୱିକ ଦୃଷ୍ଟିକୋଣର ମର୍ମକୁ ଡ. ହେଡ଼ଗେୱାରଙ୍କ ଜୀବନୀ ପ୍ରସଙ୍ଗ ଓ ସମଗ୍ର ଦୃଷ୍ଟିକୋଣ ନ ଜାଣିଲେ ହୃଦୟଙ୍ଗମ କରିହେବ ନାହିଁ । ଡ. ହେଡ଼ଗେୱାରଙ୍କ ସମ୍ବନ୍ଧରେ ମଧ୍ୟ ବିଭିନ୍ନ ପ୍ରକାର ଭ୍ରାନ୍ତଧାରଣା ସୃଷ୍ଟି ହୋଇଛି । ତନ୍ମଧ୍ୟରୁ ତାଙ୍କର ସ୍ୱାଧୀନତା ସଂଗ୍ରାମରେ ଅଲିପ୍ତ ରହିବା ମୁଖ୍ୟ ବିଷୟ । ଏହା ବାସ୍ତବରେ ସଂଘ ପ୍ରତି ଅସୂୟା ପ୍ରଣୋଦିତ ହୋଇଥିବା ବ୍ୟକ୍ତିମାନଙ୍କ ଅପପ୍ରଚାର ।

ଡ. ହେଡ଼ଗେୱାର ୧୮୮୯ ମସିହା ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଏପ୍ରିଲ-୧ ତାରିଖରେ ମହାରାଷ୍ଟ୍ରର ନାଗପୁରଠାରେ ଜନ୍ମଗ୍ରହଣ କରିଥିଲେ । ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ବନ୍ଦେ ମାତରମ୍ ଆନ୍ଦୋଳନରେ ସକ୍ରିୟ ହୋଇ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ । ପରେ ସେ କୋଲକାତାଠାରେ ଡାକ୍ତରୀ ବିଦ୍ୟା ଶିକ୍ଷା କରୁଥିବା ସମୟରେ ବିଶିଷ୍ଟ ବୈପ୍ଳବିକ ସଂଗଠନ 'ଅନୁଶୀଳନ ସମିତି'ର ସକ୍ରିୟ ସଦସ୍ୟ ହୋଇଥିଲେ । ନିଜର ଛଦ୍ମନାମ 'କୋକେନ' ରଖି ସେ ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର କାର୍ଯ୍ୟାନୁଷ୍ଠାନ କରିଥିଲେ । ୧୯୧୪ ମସିହାରେ ସେ କୃତିତ୍ୱର ସହିତ ଏମ.ବି.ବି.ଏସ ଉତ୍ତୀର୍ଣ୍ଣ ହୋଇଥିଲେ । ଢାକାଠାରେ ତାଙ୍କୁ ସରକାରୀ ଡାକ୍ତର ପଦବୀ ପାଇଁ ନିଯୁକ୍ତି ପତ୍ର ଆସିଥିଲା । ତାହାକୁ ସେ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରି ସମାଜ ସୁଧାର ଓ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ଡା. ହେଡ଼ଗେୱାର ନାଗପୁରକୁ ପ୍ରତ୍ୟାବର୍ତ୍ତନ କରି ତତ୍କାଳୀନ ଜାତୀୟ କଂଗ୍ରେସର ସଦସ୍ୟ ଓ କାର୍ଯ୍ୟକର୍ତ୍ତା ହୋଇ କାର୍ଯ୍ୟ କରିଥିଲେ । ୧୯୨୦ ମସିହା ଡିସେମ୍ବର ୨୦ ତାରିଖରେ କଂଗ୍ରେସର ବିଂଶତିତମ ଅଧିବେଶନ ନାଗପୁର ଠାରେ ହୋଇଥିଲା । ସେହିବର୍ଷ ଅଗଷ୍ଟ-୧ ତାରିଖରେ ମହାରାଷ୍ଟ୍ରର ଅଦ୍ୱିତୀୟ କଂଗ୍ରେସ ନେତା ବାଳଗଙ୍ଗାଧର ତିଳକଙ୍କ ଦେହାନ୍ତ ହୋଇଥିଲା । ତିଳକଙ୍କ ପରି ଜଣେ ବୈପ୍ଳବିକ ନେତା କଂଗ୍ରେସର ସଭାପତି ଆସନ ଅଳଂକୃତ କରନ୍ତୁ, ଏହା ଡା. ହେଡ଼ଗେୱାରଙ୍କ ଇଚ୍ଛା ଥିଲା । ଏଣୁ ସେ ନାଗପୁର କଂଗ୍ରେସରେ ସହଯୋଗୀ ଅରବିନ୍ଦଙ୍କୁ କଂଗ୍ରେସର ଅଧ୍ୟକ୍ଷ ପଦଭାର ଅଳଂକୃତ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ସମସ୍ତେ ଏହାକୁ ଅନୁମୋଦନ କରିଥିଲେ । ଡା. ହେଡ଼ଗେୱାର ଓ ଡ. ମୁଞ୍ଜେ ପଣ୍ଡିଚେରୀ ଆଶ୍ରମ ଯାଇଁ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରି କଂଗ୍ରେସର ପଦଭାର ଅଳଂକୃତ କରିବା ପାଇଁ ଅନୁରୋଧ କରିଥିଲେ । ୧୯୧୦ ମସିହାରୁ ଶ୍ରୀଅରବିନ୍ଦ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇ ପଣ୍ଡିଚେରୀଠାରେ ସାଧନା କରୁଥିଲେ। ସେ ପୁନଃ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବେ ନାହିଁ ବୋଲି କହିଥିଲେ। ଯଦି ଶ୍ରୀ ଅରବିନ୍ଦ ସକ୍ରିୟ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତେ ତେବେ କଂଗ୍ରେସର ଦୃଶ୍ୟପଟ ପରିବର୍ତ୍ତନ ହୋଇଥାଆନ୍ତା । ନାଗପୁର କଂଗ୍ରେସ ଅଧିବେଶନରେ ଡା. ହେଡ଼ଗେୱାର ପ୍ରସ୍ତାବ ସମିତିର ସଦସ୍ୟ ଥିଲେ । ସେ ଦୁଇଟି ପ୍ରସ୍ତାବ ଆଗତ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ପ୍ରଥମରେ ଇଂରେଜ କବଳରୁ ଭାରତକୁ ମୁକ୍ତ କରି ଗଣତନ୍ତ୍ର ପ୍ରତିଷ୍ଠା କରିବା ଓ ଦ୍ୱିତୀୟରେ ସମଗ୍ର ବିଶ୍ୱରେ ପୁଞ୍ଜିବାଦ ସମାପ୍ତ କରିବା; କିନ୍ତୁ ଦୁର୍ଭାଗ୍ୟର କଥା ଏହି ଦୁଇଟି ପ୍ରସ୍ତାବକୁ କଂଗ୍ରେସର କାର୍ଯ୍ୟ ସମିତି ସ୍ୱୀକାର କରିନଥିଲା ।

୧୯୨୧ ମସିହାରେ ଇଂରେଜମାନେ ଡା. ହେଡ଼ଗେୱାରଙ୍କୁ ରାଜଦ୍ରୋହ ଅପରାଧରେ ଗିରଫ କରିଥିଲେ । ତାଙ୍କ ଉପରେ ଫୌଜଦାରୀ ଦଣ୍ଡ ସଂହିତା ଧାରା ୧୦୮ ଅନ୍ତର୍ଗତ ମୋକଦ୍ଦମା ରୁଜୁ କରାଯାଇଥିଲା । କଂଗ୍ରେସର ବିଦର୍ଭ ପ୍ରାନ୍ତର ସାଧାରଣ ସମ୍ପାଦକ ରୂପେ ସେ ଇଂରେଜ ବିରୋଧରେ ସାଧାରଣ ସଭାଗୁଡ଼ିକରେ ଯେଉଁ ଭାଷଣ ଦେଇଥିଲେ ତାହା ରାଜଦ୍ରୋହ ରୂପେ ପରିଗଣିତ ହୋଇଥିଲା । ନ୍ୟାୟାଳୟରେ ସେ କୌଣସି ଓକିଲ ନିଯୁକ୍ତ ନକରି ନିଜେ ଜବାବ ସୁଆଲ କରିଥିଲେ। ବିଚାରପତି ସ୍ମେଲିଙ୍କ ଅଦାଲତରେ ସେ ନିଜ ସପକ୍ଷରେ ଯୁକ୍ତି ରଖି ଇଂରେଜମାନଙ୍କ ବିରୋଧରେ ଯେଉଁ ଘୋର କଟାକ୍ଷ କରିଥିଲେ, ତାହା ଶୁଣି ବିଚାରପତି ସ୍ମେଲି ଚକିତ ହୋଇଯାଇଥିଲେ । ଇଂରେଜ ବିଚାରପତି ନିଜ ରାୟରେ ଘୋଷଣା କରିଥିଲେ ଯେ ଡା. ହେଡ଼ଗେୱାରଙ୍କ ଭାଷଣ ଶୁଣିବା ପରେ ମନେ ହେଉଛି ତାଙ୍କ ବିରୋଧରେ ରାଜଦ୍ରୋହ ମୋକଦ୍ଦମା ରୁଜୁ ହେବା ଯଥାର୍ଥ । ଏଣୁ ସେ ଅଗଷ୍ଟ-୧୯ ତାରିଖରେ ଡା. ହେଡ଼ଗେୱାରଙ୍କୁ ଏକବର୍ଷ ସଶ୍ରମ କାରାବାସ ଦଣ୍ଡଘୋଷଣା କରିଥିଲେ । ଡା. ହେଡ଼ଗେୱାର ମଧ୍ୟପ୍ରାନ୍ତର ତତ୍କାଳୀନ ସମସ୍ତ ବିଚାର ପ୍ରବାହରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ୧୯୨୪ ମସିହାରେ ସେ ନାଗପୁରରୁ 'ସ୍ୱାତନ୍ତ୍ର' ନାମକ ପତ୍ରିକାର ସମ୍ପାଦକ ରୂପେ ନିଯୁକ୍ତ ହୋଇଥିଲେ । ତାଙ୍କର ସମ୍ପାଦନାରେ 'ସ୍ୱାତନ୍ତ୍ର' ପତ୍ରିକାରେ ବିପ୍ଳବୀମାନଙ୍କୁ ପ୍ରଶଂସା ଓ ଇଂରେଜମାନଙ୍କ ଅତ୍ୟାଚାରର କାହାଣୀ ନିୟମିତ ପ୍ରକାଶ ପାଇଲା । ଫଳରେ 'ସ୍ୱାତନ୍ତ୍ର' ଇଂରେଜମାନଙ୍କ କୋପ ଦୃଷ୍ଟିର ଶିକାର ହେଲା । ସମ୍ବାଦପତ୍ର କାର୍ଯ୍ୟାଳୟକୁ ସିଲ୍ କରିଦିଆଗଲା; କିନ୍ତୁ ନାଗପୁରର ଜନସାଧାରଣ ଡା. ହେଡ଼ଗେୱାରଙ୍କୁ ସାଲିସବିହୀନ ନେତା ଓ ସାମ୍ରାଜ୍ୟବାଦ ବିରୋଧୀ ପ୍ରଖର ପ୍ରବକ୍ତା ଭାବେ ପରିଗଣିତ କରୁଥିଲେ ।

୧୯୨୫ ମସିହା ବିଜୟାଦଶମୀ ତିଥିରେ ଡା. ହେଡ଼ଗେୱାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠା କରିଥିଲେ । ବହୁ ସାମାଜିକ-ରାଜନୀତିକ-ସାଂସ୍କୃତିକ ସଂଗଠନର କାର୍ଯ୍ୟକର୍ତ୍ତା ହୋଇ ସେ ଅନୁଭବ କରିଥିଲେ ଯେ ବ୍ୟକ୍ତି ରାଷ୍ଟ୍ରର ପ୍ରଥମ ଘଟକ । ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ମନରେ ରାଷ୍ଟ୍ରପ୍ରେମର ପବିତ୍ର ଭାବନା ଉଦ୍ରେକ ନ ହେବ, ସେ ପର୍ଯ୍ୟନ୍ତ ବିଶୁଦ୍ଧ ରାଷ୍ଟ୍ରୀୟତାର କଳ୍ପନା କରିହେବ ନାହିଁ । ବ୍ୟକ୍ତି ଚରିତ୍ରବାନ୍ ଓ ସଂସ୍କାରଯୁକ୍ତ ହେଲେ ରାଷ୍ଟ୍ର ସୁଦୃଢ଼ ହେବ । ଦେଶରେ ସାଂସ୍କୃତିକ ରାଷ୍ଟ୍ରବାଦର ବହୁ ଚିନ୍ତକ, ମହାନ୍ ଭାରତୀୟ ଚିନ୍ତନ ପରମ୍ପରା ଓ ଜ୍ଞାନର ଭଣ୍ଡାର ମହଜୁଦ ଥିଲେ ମଧ୍ୟ ବ୍ୟକ୍ତି ମନରେ ସଂକୀର୍ଣ୍ଣତା ତଥା ସ୍ୱାର୍ଥପରତା ସର୍ବଦା ରହୁଥିଲା । ଡା. ହେଡ଼ଗେୱାର ବ୍ୟକ୍ତିର ମନରେ ରାଷ୍ଟ୍ରୀୟତାର ଭାବନାର ଅଭାବ ପରିଲକ୍ଷିତ କରିଥିଲେ । ଏଣୁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ରାଷ୍ଟ୍ରୀୟତାର ଭାବନା ଉଦ୍ରେକ କରିବା ସହିତ ରାଷ୍ଟ୍ରୀୟତାର ସଂସ୍କାର ଦେବା ପାଇଁ ସଂଘର ଶାଖା ଆରମ୍ଭ କରିଥିଲେ । କ୍ରମଶଃ ସଂଘର ଶାଖା ନାଗପୁରରୁ ମହାରାଷ୍ଟ୍ର ବ୍ୟାପୀ ଓ ଦେଶବ୍ୟାପୀ ହେଲା ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଲକ୍ଷ୍ୟ ରାଷ୍ଟ୍ରର ସର୍ବାଙ୍ଗୀଣ ଉନ୍ନତି ଥିବା ସମୟରେ ତାତ୍କାଳିକ ଲକ୍ଷ୍ୟ ରାଷ୍ଟ୍ରର ସ୍ୱାଧୀନତା ଥିଲା । ଏଣୁ ଡା. ହେଡ଼ଗେୱାର ସ୍ୱୟଂସେବକମାନଙ୍କୁ କଂଗ୍ରେସ ଦ୍ୱାରା ଆୟୋଜିତ ସମସ୍ତ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିଜେ ମଧ୍ୟ ୧୯୩୦ ମସିହାର ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସରସଂଘଚାଳକ ପଦଭାର ଡ. ପରଞ୍ଜପେଙ୍କୁ ଅର୍ପଣ କରି ସେ ଜଙ୍ଗଲ ସତ୍ୟାଗ୍ରହ କରିଥିଲେ । ୧୯୩୦ ଜୁଲାଇ ୨୧ ତାରିଖରେ ତାଙ୍କୁ ଗିରଫ କରାଯାଇ ଅପରାଧିକ ଦଣ୍ଡ ସଂହିତା ୧୧୭ ଧାରା ଅନ୍ତର୍ଗତ ୬ମାସ ଓ ୩୭୯ ଧାରା ଅନ୍ତର୍ଗତ ତିନିମାସ ଏହିପରି ମୋଟ ୯ମାସ ସଶ୍ରମ କାରାବାସ ଦଣ୍ଡ ଆଦେଶ ହୋଇଥିଲା । ସଂଘର ମୁଖ୍ୟ ଜେଲରେ ଥିବା ସମୟରେ ସ୍ୱୟଂସେବକମାନେ ଇଂରେଜ ବିରୋଧରେ ଜନଜାଗରଣ ତୀବ୍ର ଗତିରେ ଜାରି ରଖିଥିଲେ । ବହୁ ସ୍ୱୟଂସେବକ ମଧ୍ୟ ଗିରଫ ହୋଇଥିଲେ । ଡା. ହେଡ଼ଗେୱାର ନିଜର ଓ ସଂଗଠନର ସାମୂହିକ ଆଚରଣରେ ପ୍ରମାଣିତ କରିଥିଲେ ଯେ ଦେଶଭକ୍ତି, ରାଜନୀତିକ ଚେତନାରୁ ଅଧିକ ସାଂସ୍କୃତିକ ଚେତନାରେ ପ୍ରଭାବିତ ହୋଇଥାଏ । ଏଣୁ ସଂଘରୂପକ ଗୋଟିଏ ଅଣରାଜନୀତିକ ସଂଗଠନ ସ୍ୱାଧୀନତା ଆନ୍ଦୋଳନରେ ଯେପରି ସମର୍ପଣ ଭାବନା ପ୍ରଦର୍ଶନ କରିଥିଲା ତାହା ଡା. ହେଡ଼ଗେୱାରଙ୍କ କାର୍ଯ୍ୟଦକ୍ଷତାର ସାର୍ଥକତା ଥିଲା ।

ଆଡ଼ଭୋକେଟ, ଖଟବିନସାହି,
କଟକ
ମୋ-୯୪୩୭୦୧୬୩୮୪

# ବଦଳୁଛି ଗରିବୀର ପରିଭାଷା

**ହିମାଂଶୁ ଶେଖର ଆଚାର୍ଯ୍ୟ**

ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ ତାହାହେଲା ଦେଶ ଦରିଦ୍ର ହୁଏ କାହିଁକି ? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ। ସାଧାରଣ ଅର୍ଥରେ କହିଲେ ଗରିବ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛାଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନ ସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି ।ନିକଟରେ ନିତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦାରିଦ୍ର୍ୟ କ୍ଷେତ୍ରରେ ଜାତୀୟ ହାର ୨୫.୦୧ ପ୍ରତିଶତ ରହିଛି ।

ଏକ ଅନୁକୂଳ ପରିବେଶ ଜୀବନ ଧାରଣ ପାଇଁ ଅପରିଧାର୍ଯ୍ୟ ଜନସଂଖ୍ୟାର ବିସ୍ଫୋରଣ ପରିବେଶପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି । ଦାରିଦ୍ର୍ୟ ନୟନ୍ତ୍ରଣ ପାଇଁ କେତକ ଫଳପ୍ରଦ ପଦକ୍ଷପ ନେବା ଜରୁରୀ ମନେ ହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସଞ୍ଚୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭର କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶ ମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି। ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଏହା ନିଶ୍ଚିତ ପରିତାପର ବିଷୟ। ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ହୋଇପାରିନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଖ୍ୟା ବୃଦ୍ଧ ଆମ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭାହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ଆୟ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ଗୁଣ ବୃଦ୍ଧି ପାଇଛି। ଅର୍ଥ ଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥି ସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ । ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇରହିଛି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ । ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସପାଏ ।

ପ୍ରାୟ ୬୦ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ । ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ର୍ୟତାର ମୁଖ୍ୟ କାରଣ । ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷପ ନେବା ଆବଶ୍ୟକ ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ । ଏଥି ସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ । ଯେ କୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ । ସେହିପରି କୃଷି ଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ । ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବୋକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ। ଭାରତଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ।ଉଏତଦ୍‌ବ୍ୟତୀତ ଆଉକେତେକ ପଦକ୍ଷପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା - (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ । ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବା ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ (ଖ) ଦରିଦ୍ର ମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍ (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍ (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍ (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ । ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ତାହାନହେଲେ ଦାରିଦ୍ର୍ୟ ଆମ ପାଇଁ ଚିର ସହଚର ହୋଇ ରହିଯିବ । ଏବେ ଦେଶରେ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି । କେବଳ ଦୁଇଟି ପଞ୍ଚବାର୍ଷିକ ଯୋଜନାରେ ଓ ଦୁଇଟି ନିର୍ବାଚନରେ ଦାରିଦ୍ର୍ୟ ହଟାଅ ସ୍ଲୋଗାନକୁ ଗୁରୁତ୍ୱ ଦିଆଯାଇଥିଲା । ତେଣୁ ରାଜନୈତିକ ଦଳମାନେ ଦାରିଦ୍ର୍ୟ ଦୂରୀକରଣକୁ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ଦେଲେ ତାହା ଯୁକ୍ତିଯୁକ୍ତ ହୁଅନ୍ତା

ଅବସରପ୍ରାପ୍ତ ଅଧ୍ୟାପକ
ତିର୍ତ୍ତୋଲ,ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ବିକଶିତ ଓଡ଼ିଶା ତଥା ବିକଶିତ ଭାରତ ଲକ୍ଷ୍ୟରେ ନୟାଗଡ଼ର ସାମଗ୍ରିକ ବିକାଶ ପାଇଁ ୨୫ଟି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଲୋଚନା



ଭୁବନେଶ୍ୱର,୭/୧୦: ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଆଜି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ଆର୍ଥିକ ପରିଚାଳନା, ବ୍ୟୟ ଅଗ୍ରଗତି, କର୍ମଚାରୀ ସାମାଜିକ ସୁରକ୍ଷା, ନ୍ୟାୟିକ ଆଦେଶର ଅନୁପାଳନ ଓ ଶୀଘ୍ର କାର୍ଯ୍ୟକାରିତା ଏବଂ ନୟାଗଡ଼ ଜିଲ୍ଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା ।ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଂଜନ କୁମାର ସିଂ ଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ , ପ୍ରମୁଖ ଶାସନ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ ।

ବୈଠକରେ ଗତ ସେପ୍ଟେମ୍ବର ମାସ ଓ ଅକ୍ଟୋବର ମାସରେ ଅଦ୍ୟାବଧି ରାଜ୍ୟର ବିଭିନ୍ନ କ୍ଷେତ୍ରରେ ହାସଲ ହୋଇଥିବା ପ୍ରମୁଖ ସଫଳତା ଓ ଅଗ୍ରଗତି ସମ୍ପର୍କରେ ଶ୍ରୀମତୀ ଗର୍ଗ ସଚିବସ୍ତରୀୟ ବୈଠକରେ ଆଲୋକପାତ କରିଥିଲେ । ପର୍ଯ୍ୟଟନ, ଶିଳ୍ପ ଓ ନିବେଶ, ପରିବେଶ ସୁରକ୍ଷା, ମହିଳା ସଶକ୍ତିକରଣ, ଦକ୍ଷତା ବିକାଶ, ନିଯୁକ୍ତି, କୃଷି ଓ ଶିକ୍ଷା କ୍ଷେତ୍ରରେ ସଫଳତା ସଂପର୍କରେ ଆଲୋଚନା କରି ଆଗାମୀ ପଦକ୍ଷେପ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ସଦ୍ୟ ଆୟୋଜିତ ଓଡ଼ିଶା ଟ୍ରାଭେଲ୍ ବଜାରରେ ବିପୁଳ ନିବେଶ ଆଗ୍ରହ, ୟୁଏଇ ଗସ୍ତ ସମୟରେ ୨ ଲକ୍ଷ କୋଟିରୁ ଅଧିକ ପ୍ରସ୍ତାବିତ ନିବେଶ, ଉଚ୍ଚ କ୍ଷମତା ସଂପନ୍ନ କମିଟିରେ ୨୭ଟି ବୃହତ୍ ଶିଳ୍ପ ପ୍ରକଳ୍ପର ଅନୁମୋଦନ, ପରିବେଶ ସୁରକ୍ଷା ଓ ବୃକ୍ଷରୋପଣରେ ଉଲ୍ଲେଖନୀୟ ସଫଳତା, ୧,୧୦୦ରୁ ଅଧିକ ଯୁବକ-ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ ଏବଂ ୪୧ ଲକ୍ଷରୁ ଅଧିକ କୃଷକଙ୍କୁ ସିଏମ୍-କିଷାନ ଯୋଜନାରେ ୮୩୩ କୋଟିରୁ ଅଧିକ ସହାୟତା ପ୍ରଦାନ ଭଳି ପଦକ୍ଷେପ ରାଜ୍ୟର ବିକାଶ ଯାତ୍ରାକୁ ଆହୁରି ସୁଦୃଢ଼ କରିଛି ବୋଲି ମୁଖ୍ୟ ଶାସନ ସଚିବ ବୈଠକ ଆରମ୍ଭରେ ବିବରଣୀ ପ ୍ ଦ ା ନ କରିଥିଲେ ।ଗତସେପ୍ଟେମ୍ବରମାସରେ ରାଜ୍ୟରେ ଲଘୁଚାପ, ଗଭୀର ଅବପାତ ଏବଂ ଏହା ଜନିତ ପ୍ରବଳ ବର୍ଷା ଓ ବନ୍ୟା ପରିସ୍ଥିତିକୁ ମୁକାବିଲା କରିବାରେ ସଂପୃକ୍ତ ବିଭିନ୍ନ ବିଭାଗର ସହଯୋଗ ଓ ଭୂମିକାକୁ ପ୍ରଶଂସା କରାଯାଇଥିଲା ।

ବୈଠକରେ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁସ୍ମିତା ରଥ ଆଭାସୀ ମାଧ୍ୟମରେ ଯୋଗଦେଇ ବିକଶିତ ଓଡ଼ିଶା-୨୦୩୬ ତଥା ବିକଶିତ ଭାରତ-୨୦୪୭ ଆଭିମୁଖ୍ୟରେ ନୟାଗଡ଼ ଜିଲ୍ଲାକୁ ସମୃଦ୍ଧ କରିବା ଲକ୍ଷ୍ୟରେ "ବିକାଶ ପଥେ ନୟାଗଡ଼" ସମ୍ପର୍କିତ ଏକ ଉପସ୍ଥାପନାରେ ୨୫ଟି ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକାରିତା ନେଇ କାର୍ଯ୍ୟପନ୍ଥା(ରୋଡ୍ ମ୍ୟାପ୍) ଉପସ୍ଥାପନ କରିଥିଲେ । ଜିଲ୍ଲାରେ ସଡ଼କ, ରେଳ ଯୋଗାଯୋଗ, ପାନୀୟଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ଐତିହ୍ୟ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରର ଚାଲୁ ରହିଥିବା ଓ ପ୍ରସ୍ତାବିତ ପ୍ରକଳ୍ପର ଅଗ୍ରଗତି ଉପରେ ସେ ଆଲୋକପାତ କରିଥିଲେ । ଖୋର୍ଦ୍ଧା-ନୟାଗଡ଼ ଜାତୀୟ ରାଜପଥର ଉନ୍ନତିକରଣ, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସମ୍ପୂର୍ଣ୍ଣ କରାଯିବା, ଭାପୁରରେ ହେଲିପ୍ୟାଡ୍, ସମଗ୍ର ଜିଲ୍ଲାରେ ମୋବାଇଲ ଓ ଇଣ୍ଟରନେଟ ସଂଯୋଗ, ଯାତାୟାତ ପରିଚାଳନା ବ୍ୟବସ୍ଥା ଏବଂ ସମସ୍ତଙ୍କ ପାଇଁ ପାନୀୟଜଳ ଯୋଗାଣ ଭଳି ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ଯୋଗାଯୋଗ ଓ ମୌଳିକ ସୁବିଧାକୁ ସୁଦୃଢ଼ କରାଯିବା ନେଇ ସେ ଆଲୋଚନା କରିଥିଲେ ।

ଦଶପଲ୍ଲା ଓ ଖଣ୍ଡପଡ଼ାରେ ବିଦ୍ୟୁତ ଗ୍ରୀଡ୍ ଉପକେନ୍ଦ୍ର, ନୟାଗଡ଼ରେ ହୋମିଓପାଥି ମହାବିଦ୍ୟାଳୟ, ଦଶପଲ୍ଲାରେ ଚିକିତ୍ସା କେନ୍ଦ୍ର ଓ ରଣପୁରରେ ହକି ଷ୍ଟାଡିୟମ ଭଳି ପ୍ରକଳ୍ପ ମାଧ୍ୟମରେ ସ୍ୱାସ୍ଥ୍ୟ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି । ଏଥିସହ ନୀଳମାଧବ ମନ୍ଦିରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା, କଣ୍ଟିଲୋରେ ମହାନଦୀ ନଦୀତଟ ବିକାଶ, କୁଆଁରିଆ ଉଦ୍ୟାନର ଉନ୍ନତୀକରଣ ଏବଂ କାଳିଆପଲ୍ଲୀ ଗ୍ରାମକୁ ଐତିହ୍ୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଭଳି ପଦକ୍ଷେପ ନୟାଗଡ଼ର ପର୍ଯ୍ୟଟନ ସମ୍ଭାବନାକୁ ନୂଆ ଦିଗ ଦେବ ବୋଲି ଆଲୋକପାତ କରାଯାଇଛି । ଶିଳ୍ପ ଓ ରୋଜଗାର ସୃଷ୍ଟି କ୍ଷେତ୍ରରେ ନୂତନ ଚିନି କାରଖାନା, ଦଶପଲ୍ଲାରେ ରେଳ ପ୍ରଯୁକ୍ତି ପାର୍କ, କୃଷି ଗୋଦାମ ଭିତ୍ତିଭୂମି ଏବଂ ମୁଗ ଡାଲି ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ଉପରେ ଗୁରୁତ୍ୱ ରହିଛି । ବୃହତ୍ତର ଜଳସେଚନ ପାଇଁ ବୃତ୍ତାଙ୍ଗ ଜଳସେଚନ ପ୍ରକଳ୍ପ, ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ଓ ପରିପଥ ଭବନ, ମହିଳା ସଶକ୍ତିକରଣ ଓ ଦକ୍ଷତା ବିକାଶ କେନ୍ଦ୍ର, ଗ୍ରାମ ପଞ୍ଚାୟତ ପାଠାଗାର ଏବଂ କୃଷି ଉଦ୍ୟୋଗୀ ବିକାଶ କେନ୍ଦ୍ର ଭଳି ପ୍ରକଳ୍ପ ମାଧ୍ୟମରେ ଜୀବିକା, ଶିକ୍ଷା, ମହିଳା ସଶକ୍ତୀକରଣ ଓ କୃଷି ଉଦ୍ୟୋଗକୁ ଆହୁରି ସୁଦୃଢ଼ କରାଯିବା ନେଇ ବୈଠକରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି । ନୟାଗଡ଼ର ବିକାଶ ପାଇଁ ଏହି ସମନ୍ୱିତ ପ୍ରକଳ୍ପଗୁଡ଼ିକ ଜିଲ୍ଲାର ଯୋଗାଯୋଗ, ଅର୍ଥନୀତି, ପର୍ଯ୍ୟଟନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା କ୍ଷେତ୍ରକୁ ନୂତନ ପ୍ରଗତି ଦେବ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲାପାଳଙ୍କ ବିକାଶମୂଳକ ଉପସ୍ଥାପନା ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ବିଭାଗର ସଚିବମାନେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ନେଇ ସେମାନଙ୍କର ପରାମର୍ଶ ଦେଇଥିଲେ ।

ରାଜ୍ୟର ଆର୍ଥିକ ପ୍ରଦର୍ଶନ ସଂପର୍କିତ ସମୀକ୍ଷାରେ ମୁଖ୍ୟ ଶାସନ ସଚିବ ବଜେଟ୍ ପ୍ରାବଧାନ ଅନୁସାରେ କାର୍ଯ୍ୟ ଅଗ୍ରଗତି, ରାଜସ୍ୱ ଆଦାୟ ବୃଦ୍ଧି ଓ ତଦନୁସାରେ ବ୍ୟୟ ହାର ବୃଦ୍ଧି କରିବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେବା ସହ ନିୟମିତ ବିଭାଗୀୟ ସମୀକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ ।

ବୈଠକରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର ତ୍ୱରିତ ଓ ପ୍ରଭାବୀ କାର୍ଯ୍ୟକାରିତା ତଥା ଅନୁପାଳନ ମାଧ୍ୟମରେ ଅବମାନନା ମାମଲା ହ୍ରାସ କରିବା, ଅନାବଶ୍ୟକ ବିଳମ୍ବ ରୋକିବା ଏବଂ ଦାୟିତ୍ୱ ନିର୍ଦ୍ଧାରଣ ଉପରେ ଆଇନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା ।

# ଝାରସୁଗୁଡ଼ାରେ ବେଆଇନ ଗ୍ୟାସ ସିଲିଣ୍ଡର ବ୍ୟବହାର ଓ ମହଜୁଦ ଉପରେ ଯୋଗାଣ ବିଭାଗର ଚଢ଼ାଉ



ଝାରସୁଗୁଡ଼ା, ୭/୧୦:ଝାରସୁଗୁଡ଼ା ପୌରାଞ୍ଚଳରେ ବେଆଇନ ଭାବେ ଘରୋଇ ଏଲପିଜି ସିଲିଣ୍ଡରର ବ୍ୟବସାୟିକ ବ୍ୟବହାର ତଥା ଅଣ-ଅନୁମୋଦିତ ସ୍ଥାନରେ ସିଲିଣ୍ଡର ମହଜୁଦ ରଖିବା ଘଟଣାକୁ ନେଇ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଯାଞ୍ଚ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଆଜି ଜିଲ୍ଲା ବେସାମରିକ ଯୋଗାଣ ପ୍ରବର୍ତ୍ତନ ଟିମ୍ ପକ୍ଷରୁ ପୌରପାଳିକା ଅଧୀନସ୍ଥ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ମାର୍କେଟ କମ୍ପ୍ଲେକ୍ସ ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା । ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରି ସରକାରୀ ରିହାତି ପ୍ରାପ୍ତ ଘରୋଇ ସିଲିଣ୍ଡରକୁ ବ୍ୟବସାୟିକ କାର୍ଯ୍ୟରେ ଲଗାଯାଉଥିବା ଏବଂ ବିନା ଅନୁମତିରେ ବିପଦପୂର୍ଣ୍ଣ ଭାବେ ମହଜୁଦ ରଖାଯାଇଥିବା ସ୍ପଷ୍ଟ ହୋଇଥିଲା । ଏହି ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଅପରେସନ୍ ବେଳେ ଟିମ୍ ବିଭିନ୍ନ ସ୍ଥାନରୁ ସମୁଦାୟ ୮୮ଟି ଏଲପିଜି ସିଲିଣ୍ଡର ଜବତ କରିଛି । ଏଥିମଧ୍ୟରେ ୫୮ଟି ଘରୋଇ ଏଲପିଜି ସିଲିଣ୍ଡର, ୨୪ଟି ବ୍ୟବସାୟିକ ସିଲିଣ୍ଡର ଏବଂ ୬ଟି ୫ କିଲୋଗ୍ରାମ ବିଶିଷ୍ଟ ଛୋଟ ସିଲିଣ୍ଡର ସାମିଲ ରହିଛି । ସରକାରୀ ନିୟମାବଳୀକୁ ଖୋଲାଖୋଲି ଉଲ୍ଲଂଘନ କରି ବ୍ୟବସାୟିକ ଲାଭ ପାଇଁ ଏଭଳି କାର୍ଯ୍ୟ କରାଯାଉଥିବା ନେଇ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଚଢ଼ାଉ ବେଳେ ଝାରସୁଗୁଡ଼ା ଅତିରିକ୍ତ ତହସିଲଦାର ଶ୍ରୀ ସଞ୍ଜୀବ ସାର୍ଦ୍ଦିଙ୍ଗ ଏବଂ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପୀତାମ୍ବର ସେଠୀଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ସାମିଲ ଥିଲେ ।ଅଭିଯାନରେ ଅତିରିକ୍ତ ଯୋଗାଣ ଅଧିକାରୀ ଶ୍ରୀ ସୂର୍ଯ୍ୟକୁମାର ପାଣିଗ୍ରାହୀ, ଶ୍ରୀ ଜୟନ୍ତ କୁଣ୍ଡୁ, ଶ୍ରୀମତୀ କେ. ନିଶାଙ୍କ ସମେତ ଯୋଗାଣ ନିରୀକ୍ଷକ ଶ୍ରୀ ଆଶୁତୋଷ କିଷାନ, ମିସ୍ ରୋଜାଲିନ ସାହୁ, ମିସ୍ ବାସନ୍ତୀ ମୁର୍ମୁ ଏବଂ ମିସ୍ ମୋନିକା ମହାରଣା ପ୍ରମୁଖ ଉପସ୍ଥିତ ରହି ଚଢ଼ାଉ ପରିଚାଳନା କରିଥିଲେ । ବ୍ୟବସାୟିକ ଉଦ୍ଦେଶ୍ୟରେ ଘରୋଇ ଏଲପିଜି ସିଲିଣ୍ଡରର ଅପବ୍ୟବହାର କିମ୍ବା ବେଆଇନ ମହଜୁଦକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ଯୋଗାଣ ପ୍ରବର୍ତ୍ତନ ଟିମ୍ ସ୍ପଷ୍ଟ କରିଛି । ଆଗାମୀ ଦିନରେ ଏଭଳି ଯାଞ୍ଚ ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ଦଣ୍ଡବିଧାନ କରାଯିବ ବୋଲି ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଓଡିଶା ଓ ଓଡିଶାବାସୀଙ୍କ ସ୍ୱାର୍ଥରେ ୮ ଅକ୍ଟୋବର -ଓଡିଶା ବନ୍ଦ ସଫଳ କରିବାକୁ ଆହ୍ୱାନ



ଭୁବନେଶ୍ୱର,୭/୧୦:ଅକ୍ଟୋବର ୮ରେ ଓଡ଼ିଶା ବନ୍ଦ ଡାକରା ଦେଇଛି ଇଣ୍ଡିଆ ବ୍ଲକ । ଏହି ବନ୍ଦକୁ ସଫଳ କରିବା ସହ ଆମ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଓଡ଼ିଶାର ଶାନ୍ତିପୂର୍ଣ୍ଣ ଓଡ଼ିଶା ବନ୍ଦକୁ ପୂର୍ଣ୍ଣ ସମର୍ଥନ ପାଇଁ ସଚେତନ ନାଗରିକଙ୍କୁ ନିବେଦନ କରିଛି ଇଣ୍ଡିଆ ବ୍ଲକ । ଏ ନେଇ ଭୁବନେଶ୍ୱରରେ ଇଣ୍ଡିଆ ବ୍ଲକ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଗଗଉଜ ସଂଶୋଧିତ ଅଧିନିୟମ ତୁରନ୍ତ ରଦ୍ଦ କର, ସିଇସି ଜ୍ଞାନେଶ କୁମାର ଙ୍କ ବହିଷ୍କାର ଓ SIR ପ୍ରତ୍ୟାହର ,ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ବନ୍ୟା ବିପତ୍ତି ଓ ସରକାରୀ ଉଦାସୀନତାର ପ୍ରତିବାଦ ସହ ପର୍ଯ୍ୟାପ୍ତ ରିଲିଫ ଓ କ୍ଷତିପୂରଣ ଦାବି ନେଇ ଏହି ବନ୍ଦ ଡାକରା ଦିଆଯାଇଛି । ୮ ଅକ୍ଟୋବର ଦିନ ସକାଳ ୬ ଘଟିକାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଏହି ବନ୍ଦ ଡାକରା ଦିଆଯାଇଛି ।

ରାଜଧାନୀ ଭୁବନେଶ୍ୱର ରେ ପ୍ରତି ଛକରେ ପିକେଟିଙ୍ଗ ସହ ଦୋକାନ ବଜାର ଓ ଗାଡ଼ି ମଟର ଓ ଟ୍ରେନ ଚଳାଚଳ ବନ୍ଦ କରିବେ ଇଣ୍ଡିଆ ବ୍ଲକ ର କର୍ମକର୍ତ୍ତା ଓ କର୍ମୀମାନେ । ଓଡ଼ିଶା ବନ୍ଦ ସମୟରେ ଆତ୍ୟାବଶ୍ୟକୀୟ ସାମଗ୍ରୀ ସେବା ,ଆମ୍ବୁଲାନ୍ସ , ଫାୟାର, ପରୀକ୍ଷାର୍ଥୀ, ରୋଗୀ ମାନଙ୍କୁ ଅଟକା ଯିବ ନାହିଁ ବୋଲି ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀ ରେ ଜାତୀୟ କଂଗ୍ରେସ, ସିପିଆଇ, ସିପିଆଇଏମ୍ ,ଉଚଓଗଖ,ଫରୱାର୍ଡ଼ ବ୍ଲକ, ସମାଜବାଦୀ ପାର୍ଟି, ଏନସିପି (ଶରତ ପାୱାର ) ଔଗଗ ,ଶିବସେନାର ରାଜ୍ୟ ଓ ଜିଲ୍ଲା କର୍ମକର୍ତ୍ତା ଉପସ୍ଥିତ ରହି ରାଜ୍ୟର ସ୍ୱାର୍ଥ ପାଇଁ ଏହି ବନ୍ଦ କୁ ସମସ୍ତେ ପ୍ରକାର ସହଯୋଗ କରି ସଫଳ କରିବା କୁ ନିବେଦନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରକାଶ ଜେନା, ଫରୱାର୍ଡ଼ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସିପିଆଇ ନେତା କୈଳାସ ପୁହାଣ, ସିପିଆଇଏମ ନେତା ପ୍ରଦୀପ୍ତ ନାୟକ, ସିପିଆଇ(ଏମ ଏଲ ) ନେତା ମହେନ୍ଦ୍ର ପରିଡା, ସମାଜବାଦୀ ପାର୍ଟି ନେତା ରମାକାନ୍ତ ହାତୀ, ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଫରୱାର୍ଡ଼ ବ୍ଲକ ନେତ୍ରୀ ଲକ୍ଷ୍ମୀ ଦୋରା, ସମାଜବାଦୀ ପାର୍ଟି ର ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ଅବସରରେ ବନ୍ଦ କୁ ସଫଳ କରିବା ନିମନ୍ତେ ଏକ ପୋଷ୍ଟର ଉନ୍ମୋଚନ କରାଯାଇଥିଲା ।

# ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଅମିତ ରୋହିଦାସ ଓ ଶୀଳାନନ୍ଦ ଲାକ୍ରାଙ୍କୁ ସ୍ୱାଗତ କଲେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ



ଭୁବନେଶ୍ୱର,୭/୧୦: ଜାପାନରେ ଆୟୋଜିତ ଏସୀୟ କ୍ରୀଡ଼ା ୨୦୨୬ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଲସ୍ ଆଞ୍ଜେଲସ୍ ଅଲମ୍ପିକ୍ସ (ଖଇ୨୮) ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତୀୟ ହକି ଟିମ୍‌ର ଓଡ଼ିଶା ତାରକା ଅମିତ ରୋହିଦାସ ଓ ଶୀଳାନନ୍ଦ ଲାକ୍ରା ଭୁବନେଶ୍ୱରରେ ପହଞ୍ଚିବା ପରେ, ମାନ୍ୟବର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡିୟମ୍‌ଠାରେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଛନ୍ତି ।

ଖେଳାଳିମାନଙ୍କ ସହ ଆଲୋଚନା କରି ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ସେମାନେ ଓଡ଼ିଶାର ଗୌରବ ଏବଂ ସାରା ଦେଶର ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ । ଏହି ଐତିହାସିକ ସଫଳତା ପାଇଁ ସେ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ଶ୍ରୀ ବିଜୟ କୁମାର ସ୍ୱାଇଁ, ବିଭାଗୀୟ ଅଧିକାରୀ ଏବଂ ହକି ଆସୋସିଏସନ୍ ଅଫ୍ ଓଡ଼ିଶାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଓଡିଶାର ବିକାଶରେ ନେତୃତ୍ୱ ନେବେ ନାରୀଶକ୍ତି: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା




ଭୁବନେଶ୍ୱର,୭/୧୦: ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକୁ ଆର୍ଥିକ ଭାବେ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆଜି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ ଆଜି ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ଠାରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ କରକମଳରେ ୧,୭୯,୮୦୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୯.୨୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି ।

ଏହି କ୍ରମରେ ବିଭିନ୍ନ ଆର୍ଥିକ ସହାୟତା ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ (ଝଐଏ) ଏବଂ ସେମାନଙ୍କ ସଂଘଗୁଡ଼ିକର କ୍ଷମତା ବୃଦ୍ଧି କରାଯାଉଛି । ଏହି ପଦକ୍ଷେପଗୁଡ଼ିକ ମହିଳାମାନଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡ଼ିକୁ ଅଧିକ ସକ୍ଷମ ଓ ସୁଦୃଢ଼ କରିବାରେ ସହାୟକ ହେବ । ଏହାଦ୍ୱାରା ରାଜ୍ୟରେ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ସୃଷ୍ଟି ହୋଇପାରିବେ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମତ ପ୍ରକାଶ କରିଛନ୍ତି । ଏଥିସହିତ, ଓଡ଼ିଶାର ସମାଜ ଓ ଅର୍ଥନୀତିର ବିକାଶରେ ନାରୀଶକ୍ତି ଆଗାମୀ ଦିନରେ ନେତୃତ୍ୱ ନେବେ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି ।

ସୂଚନାଯୋଗ୍ୟଯେ, ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସୁଧ ଫେରସ୍ତ ପାଇଁ ୫୭୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି । ଏହା ପୂର୍ବରୁ ଚଳିତ ଆର୍ଥିକ ବର୍ଷରେ ଗତ ୨୪ ଜୁନ୍ ୨୦୨୬ରେ ୨,୮୮,୧୯୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୭ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷରେ ଏହି ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ମୋଟ ୨୪୭.୦୩ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି । ସେହିପରି, ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ବ୍ୟାଙ୍କ ଋଣ ଯୋଗାଣର ଲକ୍ଷ୍ୟ ୨୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । ଋଣ ସୁବିଧା ସହ ସୁଧ ଫେରସ୍ତ ଏବଂ ବିଭିନ୍ନ ସମୁଦାୟ ପାଣ୍ଠିର ଉପଲବ୍ଧତା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ଜୀବିକା ଓ ଉଦ୍ୟୋଗ କ୍ଷେତ୍ରରେ ଆର୍ଥିକ ସମ୍ବଳ ଯୋଗାଇବା ଏହି ପଦକ୍ଷେପର ଲକ୍ଷ୍ୟ ।

ଖୋର୍ଦ୍ଧାରୁ ଆସିଥିବା ମା ଚଣ୍ଡୀକେଇ ଏସଏଚଜି ୩୮,୯୨୭ ଟଙ୍କା , ସାଇ ରାମ ଏସଏଚଜି ୩୭,୯୫୮ଟଙ୍କା ଓ ସାଇ ଉନ୍ନତି ଏସଏଚଜି ୩୭,୮୪୭ ଟଙ୍କା ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ମହୋଦୟାଙ୍କ ଠାରୁ ମଷରକ୍ତଙ୍କର ସୁଧ ଫେରସ୍ତ ବାବଦକୁ ପାଇଛନ୍ତି ।

ଏଥି ସହିତ ୧୫,୫୨୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୯.୩୧ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି, ୩୭୧ଟି ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘକୁ ୧୧୩.୮୦ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଏବଂ ୬୦୫ଟି ଆଞ୍ଚଳିକ ମଞ୍ଚକୁ ୮.୧୮ କୋଟି ଟଙ୍କାର ନିରାପତ୍ତା ପାଣ୍ଠି ସମେତ ମୋଟ ୧୫୧.୨୮ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

୨୯ଟି ଜିଲ୍ଲାର (ଅନୁଗୋଳ, ବାଲେଶ୍ୱର, ବରଗଡ, ଭଦ୍ରକ, ବଲାଙ୍ଗୀର,ବୌଦ୍ଧ, କଟକ, ଦେଓଗଡ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର ,ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା, ସମ୍ବଲପୁର, ସୋନପୁର, ସୁନ୍ଦରଗଡ) ୧୫,୫୨୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୯.୩୧ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଇଛି । କଟକରୁ ଆସିଥିବା ଓମ ସାଇ ରାମ ଓ ହର ଶଙ୍କର ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଏବଂ ଯାଜପୁରରୁ ଶ୍ରୀ ସତ୍ୟ ସାଇ ଓ ବୈଭବ ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ମହୋଦୟାଙ୍କ ଠାରୁ ଯଥା କ୍ରମେ ୩୦,୦୦୦ ଟଙ୍କାର ମଷରକ୍ତଙ୍କର ଆବର୍ତ୍ତନ ପାଣ୍ଠି ବାବଦକୁ ପାଇଛନ୍ତି ।

୨୬ଟି ଜିଲ୍ଲାର (ଅନୁଗୋଳ, ବାଲେଶ୍ୱର, ବରଗଡ, ଭଦ୍ରକ, ବଲାଙ୍ଗୀର, କଟକ, ଦେଓଗଡ, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତସିଂହପୁର, ଯାଜପୁର , କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ,ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା, ପୁରୀ , ସୋନପୁର, ସୁନ୍ଦରଗଡ) ୩୭୧ଟି ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘକୁ ୧୧୩.୮୦ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରାଯାଇଛି । ପୁରୀରୁ ଆସିଥିବା ଅଲଗୋମ ଓ ଗଡମୋଟାରୀ ଗ୍ରାମପଞ୍ଚାୟତସ୍ତରୀୟ ସଂଘର ମା ମାନେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ମହୋଦୟାଙ୍କ ଠାରୁ ଯଥାକ୍ରମେ ୪୫ ଲକ୍ଷ ଓ ୩୫ ଲକ୍ଷ ଟଙ୍କାର ମଷରକ୍ତଙ୍କର ଗୋଷ୍ଠୀ ବିନିଯୋଗ ପାଣ୍ଠି ବାବଦକୁ ପାଇଛନ୍ତି ।

# ଏସଆଇଆରରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରଙ୍କୁ ତାଲିକାରେ ସାମିଲ ପାଇଁ ସୁଯୋଗ

ଯାଜପୁର ,୭/୧୦ : ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଠାରୁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଅକ୍ଟୋବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ।

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା।

ଯେଉଁ ଯୁବକ-ଯୁବତୀମାନେ ୦୧.୧୦.୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ ସ୍ତରୀୟ ଅଧିକାରୀ ଙ୍କ ନିକଟରେ ଆବେଦନ କରିପାରିବେ।

ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ।

ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ଉରଙ୍ଗ ଓଡିଶା ଙ୍କ ୱେବସାଇଟରେ ଉପଲବ୍ଧ କରାଯିବ।ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଞ୍ଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସୁଯୋଗ ରହିବ।



ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ। ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଞ୍ଚ କରି ଆବଶ୍ୟକ ଦାବି ଓ ଆପତ୍ତି ଦାଖଲ କରିପାରିବେ।

ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଏଣ୍ଟ୍ରି ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ, ଜିଲ୍ଲାସ୍ତରରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବି ଏଲ ଓ ମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଞ୍ଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟର ଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ନାମ ଯୋଡ଼ିବାକୁ ଇଚ୍ଛୁକ ଯୋଗ୍ୟ ଭୋଟରମାନେ ନିଜ ନିଜ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଙ୍କ ସହ ଯୋଗାଯୋଗ କରି ଆବେଦନ ପ୍ରକ୍ରିୟା ସମ୍ପର୍କରେ ସହାୟତା ନେଇପାରିବେ। ବୁଥ ସ୍ତରୀୟ ଅଧିକାରୀମାନେ ଯୋଗ୍ୟ ଭୋଟରଙ୍କୁ ଆବେଦନ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ।

ତେଣୁ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ରେ ନାମ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟର ଏବଂ ଭୋଟର ତାଲିକାରେ ନିଜ ନାମ ସାମିଲ କରିବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତି ଅକ୍ଟୋବର ୭, ୮ ଓ ୯ ତାରିଖରେ ଆୟୋଜିତ ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି।

ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ, ସମାବେଶୀ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି।

### ଏମ୍‌ଓୟୁ ସହଭାଗିତା ମାଧ୍ୟମରେ ସୁଦୃଢ଼ ହେଉଛି ଓଡ଼ିଶାର ଦକ୍ଷତା ଇକୋସିଷ୍ଟମ

## ଭବିଷ୍ୟତ ଦକ୍ଷତା, ଶିଳ୍ପ ସହଯୋଗ, ଉତ୍କର୍ଷ କେନ୍ଦ୍ର ଓ ଯୁବବର୍ଗଙ୍କ ନିଯୁକ୍ତିକ୍ଷମତା ବୃଦ୍ଧିକୁ ଗୁରୁତ୍ୱ



ଭୁବନେଶ୍ୱର,୭/୧୦:ଭବିଷ୍ୟତ ପାଇଁ ଏକ ଦକ୍ଷ କାର୍ଯ୍ୟବଳ ପ୍ରସ୍ତୁତ କରିବା ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱକୁ ଅଧିକ ସୁଦୃଢ଼ କରିବା ଦିଗରେ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଆଜି ଭୁବନେଶ୍ୱରସ୍ଥିତ 'ୱାର୍ଲ୍ଡ ସ୍କିଲ ସେଣ୍ଟର'ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଭିନ୍ନ ରଣନୈତିକ ଅଂଶୀଦାରଙ୍କ ସହିତ ଏମଓୟୁ ଆଦାନପ୍ରଦାନ କରାଯାଇଛି। ଏହି ସହଯୋଗିତା ରାଜ୍ୟର ଯୁବବର୍ଗଙ୍କ ପାଇଁ ଦକ୍ଷତା ବୃଦ୍ଧି, ଶିଳ୍ପ ଆବଶ୍ୟକତା ସହ ଯୋଡ଼ିହେବା, ବୈଷୟିକ ଶିକ୍ଷା, ଉତ୍କର୍ଷ କେନ୍ଦ୍ର, ଇନୋଭେସନ ଏବଂ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରିବ।

ସମାବେଶକୁ ସମ୍ବୋଧିତ କରି ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏସବୁ ବୁଝାମଣାପତ୍ରଗୁଡିକୁ ମାନବ ସମ୍ବଳରେ ଗୁରୁତ୍ୱପୂର୍ଣ୍ଣ ନିବେଶ ବୋଲି କହିଥିଲେ। ସେ କହିଥିଲେ ଯେ, ଏହି ସହଭାଗିତା ଓଡ଼ିଶାର ସମ୍ପ୍ରସାରିତ ହେଉଥିବା ଶିଳ୍ପ ଇକୋସିଷ୍ଟମ ପାଇଁ ଆବଶ୍ୟକ ଦକ୍ଷ କାର୍ଯ୍ୟବଳ ପ୍ରସ୍ତୁତ କରିବା ସହ ଯୁବପିଢ଼ିଙ୍କୁ ଗୁଣାତ୍ମକ ତାଲିମ, ନିଯୁକ୍ତି ଏବଂ କ୍ୟାରିୟରର ଅଗ୍ରଗତି ପାଇଁ ସୁଯୋଗ ପ୍ରଦାନ କରିବ।

ଏହି ସହଯୋଗିତାଗୁଡ଼ିକ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଆଡଭାନ୍ସ ମାନୁଫାକ୍‌ଚରିଂ, କୃତ୍ରିମ ବୁଦ୍ଧିମତ୍ତା (ଇଓ), ସାଇବର ସୁରକ୍ଷା, ରୋବୋଟିକ୍ସ, ସେମିକଣ୍ଡକ୍ଟର, ଗ୍ରୀନ ଜବ୍ସ ଏବଂ ଅଟୋମୋଟିଭ ଟେକ୍ନୋଲୋଜି ଭଳି ଦ୍ରୁତ ବିକାଶଶୀଳ କ୍ଷେତ୍ରଗୁଡ଼ିକ ଉପରେ ଆଧାରିତ। ଏହି ଏମଓୟୁଗୁଡିକ ଉତ୍କର୍ଷ କେନ୍ଦ୍ରଗୁଡ଼ିକୁ ସହାୟତା କରିବା ସହ ଶିଳ୍ପ-ଭିତ୍ତିକ ତାଲିମ, ପାଠ୍ୟକ୍ରମର ସଂସ୍କାର, ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧି, ଜ୍ଞାନ ଆଦାନପ୍ରଦାନ, ଆପ୍ରେଣ୍ଟିସସିପ୍ ଏବଂ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସହଯୋଗ କରିବ। ପ୍ରଶିକ୍ଷାର୍ଥୀମାନେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପର ଶ୍ରେଷ୍ଠ ପ୍ରକ୍ରିୟାଗୁଡ଼ିକ ସହ ଜଡ଼ିତ ହେବାର ଅଧିକ ସୁଯୋଗ ପାଇବେ, ଯାହା ତାଲିମକୁ ବଜାରର ଆବଶ୍ୟକତା ସହ ସମନ୍ୱୟ ରଖିବାରେ ସାହାଯ୍ୟ କରିବ।

ଏହି ଭାଗିଦାରୀ ବିଶେଷ ଭାବରେ ଭବିଷ୍ୟତର କୌଶଳ ଏବଂ ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱ ଦେଉଛି। ଏହାର ଲକ୍ଷ୍ୟ ହେଉଛି, ନୂତନ ଭାବେ ସୃଷ୍ଟି ହେଉଥିବା ଚାକିରି ପାଇଁ ଯୁବବର୍ଗଙ୍କୁ ପ୍ରସ୍ତୁତ କରିବା ସହ ନବସୃଜନ, ଡିଜିଟାଲ୍ ରୂପାନ୍ତରଣ ଏବଂ ସବୁଜ ବିକାଶକୁ ଆଗେଇ ନେବା। ଏହି ସହଯୋଗିତା ବୈଷୟିକ ଶିକ୍ଷା ଏବଂ କୁଶଳୀ ନିଯୁକ୍ତି କ୍ଷେତ୍ରରେ ମହିଳା ଓ ବଞ୍ଚିତ ବର୍ଗଙ୍କ ପାଇଁ ମଧ୍ୟ ସୁଯୋଗ ବଢାଇବ।

ଏହି ସହଯୋଗୀ ପ୍ରତିଷ୍ଠାନଗୁଡ଼ିକ ହେଉଛନ୍ତି: ୧ଗ୍ରୀଇ ଫାଉଣ୍ଡେସନ୍, କାଲଡେରିସ୍ (ଫ୍ରାନ୍ସ), ସିଆଇଇଏଲ୍ (CIEL) ଏଚ୍.ଆର୍ ସର୍ଭିସେସ୍ ଲିମିଟେଡ୍, କ୍ଲସ୍ ଇଣ୍ଡିଆ (ଜର୍ମାନୀ), ଡେଲଫି-ଟିଭିଏସ୍ ଟେକ୍ନୋଲୋଜିସ୍ ଲିମିଟେଡ୍, ରଝ ଇଣ୍ଡିଆ (ଆମେରିକା), ଗୋଦ୍‌ରେଜ୍ କନ୍‌ଜ୍ୟୁମର ପ୍ରୋଡକ୍ଟସ ଲିମିଟେଡ୍, ହେଟିଚ୍, ପୋଦାର ଉଡ୍ ୱର୍କିଂ ଇନ୍‌ଷ୍ଟିଚ୍ୟୁଟ୍, ସରଙ୍ଗରଝଞ୍ଜ, ମହିନ୍ଦ୍ରା ହଲିଡେଜ୍ ଆଣ୍ଡ ରିସୋର୍ଟସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଙଇଝଗର, ସେମାଣ୍ଟିକ୍ସ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଞଐକ ଇଣ୍ଡିଆ (ଜାପାନ) ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ।

କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀଙ୍କ ସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂହ ପୁନିଆ, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଶ୍ରୀ ଚକ୍ରବର୍ତ୍ତୀ ସିଂହ ରାଠୋର, ୱାର୍ଲ୍ଡ ସ୍କିଲ ସେଣ୍ଟରର ସିଇଓ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର ଏବଂ ଶିଳ୍ପ ଜଗତର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ "ସ୍ୱଚ୍ଛତା ହିଁ ସେବା ଅଭିଯାନ"



ଭୁବନେଶ୍ୱର,୭/୧୦: ଭାରତ ସରକାରଙ୍କ ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ୧୭ ଅକ୍ଟୋବରରୁ ୧୭ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ସାରା ଦେଶରେ "ସ୍ୱଚ୍ଛତା ହିଁ ସେବା ଅଭିଯାନ" ଚାଲୁ ରହିଛି । ଏହି ପରିପ୍ରେକ୍ଷୀରେ ଆଜି ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ "ସ୍ୱଚ୍ଛତା ଶପଥ" ପାଠ ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆଜି ଲୋକସେବା ଭବନସ୍ଥିତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରାଙ୍ଗଣରେ ସମବେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତାର ବାର୍ତ୍ତା, ନିଜକୁ ସ୍ୱଚ୍ଛତା ପ୍ରତି ସଦା ସମର୍ପିତ ରହିବା, ସ୍ୱଚ୍ଛତାକୁ ଦୈନନ୍ଦିନ ଜୀବନରେ ସାମିଲ କରିବା, ଏଥିପାଇଁ ନିଜେ ସମୟ ଦେବା ଆଦି ପ୍ରସଙ୍ଗରେ ଅଧିକାରୀ ଓ କର୍ମଚାରୀମାନେ ଶପଥ କରିଥିଲେ । ଏହା ପରେ ଏହି ଅବସରରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠଙ୍କ ସହିତ ଅଧିକାରୀ ଓ କର୍ମଚାରୀମାନେ ଆୟୋଜିତ "ସ୍ୱଚ୍ଛତା ହିଁ ସେବା ଅଭିଯାନ" ରେ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ସ୍ୱଚ୍ଛତା ହିଁ ସେବା ୨୦୨୬: ଖାରବେଳ ଭବନରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ଶ୍ରମଦାନ



ଭୁବନେଶ୍ୱର,୭/୧୦:ସ୍ୱଚ୍ଛତା, ପରିମଳ ଓ ସାମୂହିକ ଦାୟିତ୍ୱବୋଧ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ଦୃଢ଼ କରି ଆଜି ଭୁବନେଶ୍ୱରସ୍ଥିତ ଖାରବେଳ ଭବନରେ 'ସ୍ୱଚ୍ଛତା ହିଁ ସେବା' ୨୦୨୬ ଅଭିଯାନର ଅଂଶବିଶେଷ ଭାବେ ଏକ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଓ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

'ଏକ ଦିନ, ଏକ ଘଣ୍ଟା, ଏକ ସାଥ୍' ପଦକ୍ଷେପ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାରବେଳ ଭବନରେ କାର୍ଯ୍ୟରତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ । ଅଂଶଗ୍ରହଣକାରୀମାନେ ସ୍ୱେଚ୍ଛାକୃତ ଭାବେ ନିଜର ସମୟ ଓ ଶ୍ରମ ପ୍ରଦାନ କରି କାର୍ଯ୍ୟାଳୟ ପରିସର, ସାଧାରଣ ବ୍ୟବହାର ସ୍ଥାନ ଏବଂ ଏହାର ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ କରିଥିଲେ ।

ସ୍ୱଚ୍ଛତା କେବଳ ସ୍ୱତନ୍ତ୍ର ଅଭିଯାନ କିମ୍ବା ସଫେଇ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନରହି ଏହା ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହେବା ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ଶପଥ ଗ୍ରହଣ କରିବା ସହ ନିଜ ଚାରିପାଖର ପରିବେଶକୁ ସ୍ୱଚ୍ଛ ଓ ପରିମଳମୟ ରଖିବା ଏବଂ ଦୈନନ୍ଦିନ ଜୀବନରେ ଦାୟିତ୍ୱଶୀଳ ପରିମଳ ଅଭ୍ୟାସ ଆପଣାଇବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

ଏହି ସାମୂହିକ ଅଂଶଗ୍ରହଣ 'ସମଗ୍ର ସରକାର' ଭାବନାକୁ ପ୍ରତିଫଳିତ କରିବା ସହ ସ୍ୱଚ୍ଛତା ବଜାୟ ରଖିବା ଏକ ସାମୂହିକ ଦାୟିତ୍ୱ ବୋଲି ବାର୍ତ୍ତା ଦେଇଥିଲା । ନିୟମିତ ପ୍ରୟାସ, ଦାୟିତ୍ୱଶୀଳ ଆଚରଣ ଏବଂ ସମାଜର ସମସ୍ତ ବର୍ଗର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ହିଁ ନିରନ୍ତର ସ୍ୱଚ୍ଛତା ବଜାୟ ରଖାଯାଇପାରିବ ।

୨୦୨୬ ମସିହାର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭, ୨୦୨୬ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳନ କରାଯାଉଛି । ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସହ ଦେଶବ୍ୟାପୀ ଏକ ସ୍ଥାୟୀ ସ୍ୱଚ୍ଛତା ସଂସ୍କୃତି ଗଠନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ।

ଖାରବେଳ ଭବନରେ ଆୟୋଜିତ ଏହି ଶ୍ରମଦାନ କାର୍ଯ୍ୟକ୍ରମ ମାଧ୍ୟମରେ ଅଂଶଗ୍ରହଣକାରୀ ଅଧିକାରୀ ଓ କର୍ମଚାରୀମାନେ ଅଭିଯାନ ଅବଧି ପରେ ମଧ୍ୟ ସ୍ୱଚ୍ଛତାର ବାର୍ତ୍ତାକୁ ଆଗକୁ ନେବା ସହ ସ୍ୱଚ୍ଛ, ସୁସ୍ଥ ଓ ଅଧିକ ସ୍ଥାୟୀ କାର୍ଯ୍ୟସ୍ଥଳ ଏବଂ ସମୁଦାୟ ଗଠନରେ ନିଜର ଅବଦାନ ଜାରି ରଖିବା ପାଇଁ ସାମୂହିକ ସଂକଳ୍ପ ପ୍ରକାଶ କରିଥିଲେ ।

## ଫର୍ମ ୬ର ପରିବର୍ତ୍ତନ ନିଜେ ଜ୍ଞାନେଶ କୁମାର କରିଛନ୍ତି- ରାଜ୍ୟ କଂଗ୍ରେସ




ଭୁବନେଶ୍ୱର,୭/୧୦: ପ୍ରଥମଥର ଭୋଟର ମାନଙ୍କ ନାଁ ପଞ୍ଜିକରଣର କରିବାପାଇଁ ଫର୍ମ-୬ ରେ ଅଭିସନ୍ଧି ମୂଳକ ଉଦ୍ଦେଶ୍ୟ ରଖି ଯେଉଁ ପରିବର୍ତନ କରା ଯାଇଥିଲା ତାର ପର୍ଦ୍ଦାଫାଶ ଆଜି ହେଇସାରିଛି। ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ସାମ୍ବାଦିକ ସମ୍ମିଳନୀ କରି ସେପ୍ଟେମ୍ବର ୨୬,୨୦୨୬ ରେ କହିଥିଲେ ଯେ, ଫର୍ମ ୬ ରେ ଯେଉଁ ପରିବର୍ତନ କରାଯାଇଛି ତାହା ସୁପ୍ରିମକୋର୍ଟର ଅନୁମତି ପରେ ବା ଅନୁମୋଦନ ପରେ କରାଯାଇଛି। କିନ୍ତୁ ଚଳିତ ମାସ ୪-୧୦-୨୬ ରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ଫର୍ମ ୬ ର କୋଣସି ପ୍ରକାର ପରିବର୍ତନ ପାଇଁ ଆମ ପାଖରୁ ଅନୁମତି ବା ଅନୁମୋଦନ ନିଆଯାଇନାହିଁ। ଏଥିରୁ ସ୍ପଷ୍ଟ ଭାବରେ ବୁଝାପଡୁଛି ଯେ ଜ୍ଞାନେଶ କୁମାର ନିଜେ ଏକତରଫା ନିଷ୍ପତ୍ତି ନେଇ ଫର୍ମ ୬ ର ପରିବର୍ତନ କରିଛନ୍ତି। ଯାହାକି ବେନିୟମ ଓ ଅସାମ୍ବିଧାନିକ। ମୁଖ୍ୟ ନିର୍ବାଚନ ଆୟୋଗକଙ୍କ ଏଭଳି କାର୍ଯ୍ୟପାଇଁ ତାଙ୍କୁ ତୁରନ୍ତ ବହିଷ୍କାର କରାଯାଉ ଏବଂ ତାଙ୍କ ବିରୁଦ୍ଧରେ ଦେଶଦ୍‌ରୋହ ମକଦ୍ଦମା ଚାଲୁ କରାଯିବା ପାଇଁ ରାଜ୍ୟ କଂଗ୍ରେସର ମୁଖ୍ୟ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଦାବି କରିଛନ୍ତି।

ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଲେ ଯେ, ଲୋକସଭାର ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ବାରମ୍ଵାର ଭୋଟ ଚୋରି ଏବଂ ଜ୍ଞାନେଶ କୁମାର ସମ୍ପୃକ୍ତିକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଫର୍ମ ୬ ର ପରିବର୍ତନକୁ ନେଇ ସେ ଯେଉଁ ପ୍ରଶ୍ନ କରୁଥିଲେ ତାହା ଏବେ ପ୍ରମାଣିତ ହେଲା। କିନ୍ତୁ ଏସବୁସତ୍ତ୍ୱେ ମଧ୍ୟ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଭାରତୀୟ ଜନତାପାର୍ଟିର ସାଂସଦ ଓ ବିଧାୟକ କାହିଁକି କାହା ସ୍ୱାର୍ଥରେ ଶ୍ରୀ ଜ୍ଞାନେଶ କୁମାରଙ୍କ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ଭାରତବର୍ଷ ର ଗଣତନ୍ତ୍ର ଏବଂ ସମ୍ବିଧାନର ସୁରକ୍ଷା ପ୍ରଥମେ ନା ନିଜର ରାଜନୀତିକ ସ୍ୱାର୍ଥ ହାସଲ କରିବା ପାଇଁ ଜ୍ଞାନେଶ କୁମାରଙ୍କୁ ସୁରକ୍ଷା ଦେବା ବିଜେପି ଦଳର ପ୍ରାଥମିକତା ବୋଲି ସ୍ପଷ୍ଟ କରୁ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତ ତଥା ମୁଖପାତ୍ର ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati